“ଭଲ ଲୋକଙ୍କୁ ଭୁଲ ବୁଝୁଥିବା ମଣିଷ ଭବିଷ୍ୟତରେ ବହୁତ ପସ୍ତାଏ। ଯେତେବେଳେ ଠିକ୍ ବୁଝିବା ଆରମ୍ଭ କରେ, ସେତେବେଳକୁ ସବୁ ସରିଯାଇଥାଏ।”

# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

THE ODISHA NISHABDA

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–7 ■ 13th-19th August 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ–୧ ■ ସଂଖ୍ୟା–୭ ■ ୧୩–୧୯ ଅଗଷ୍ଟ ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା–୮ ■ ମୂଲ୍ୟ–୫.୦୦


# ରାଜସ୍ୱ ଆଦାୟ ୭.୩% ବଢ଼ିଛି



## କାର୍ଯ୍ୟକ୍ରମ ବ୍ୟୟ ୧୯.୧%, ପୁଞ୍ଜିବ୍ୟୟ ୨୦.୨% ବୃଦ୍ଧି

## ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଅଧିକ ଦକ୍ଷ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷର ଏହି ସମୟର ରାଜସ୍ୱ ଆଦାୟ ତୁଳନାରେ ଏହା ୭.୩% ଅଧିକ। ସେହିପରି ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବବର୍ଷ ଜୁଲାଇ ତୁଳନାରେ ୧୧.୯% ଅଧିକ ରହିଛି। ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବବର୍ଷ ଅପେକ୍ଷା ୯.୩% ଅଧିକ ରହିଛି ଏବଂ ଅଣଟିକସ ରାଜସ୍ୱ ୧୪.୮% ଅଧିକ ରହିଛି।

ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ରହିବା ସହ କାର୍ଯ୍ୟକ୍ରମ ଓ ପୁଞ୍ଜି ବ୍ୟୟ ପୂର୍ବବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା ହୋଇଥିବା କାର୍ଯ୍ୟକ୍ରମ ବ୍ୟୟଠାରୁ ୧୯.୧% ଅଧିକ ରହିଛି। ସେହିପରି ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ ପୁଞ୍ଜିବ୍ୟୟ ଜୁଲାଇ ସୁଦ୍ଧା ଗତବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି। ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮% ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିବା ସମୟରେ ଏହି ତଥ୍ୟ ସାମନାକୁ ଆସିଛି। ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏଥିସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ସହିତ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଣୁ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜିବ୍ୟୟ ଯେପରି ଅଧିକ ହେବ ସେଥିପ୍ରତି ବିଭିନ୍ନ ବିଭାଗ ଆହୁରି ତ୍ୱରିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅର୍ଥବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି.କେ.ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟ କ୍ୟାବିନେଟ୍‌ରେ ୬ଟି ବିଭାଗର ୧୦ଟି ପ୍ରସ୍ତାବ ଗୃହୀତ



**ଭୁବନେଶ୍ୱର:** ରାଜ୍ୟ କ୍ୟାବିନେଟ୍‌ର ୬ଟି ବିଭାଗର ଆଜି ୧୦ଟି ପ୍ରସ୍ତାବ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

## ରେଭେନ୍ସା ବିବାଦରେ ବିଧାୟକ ପ୍ରକାଶ ସେଠୀଙ୍କ ସ୍ପଷ୍ଟୋକ୍ତି

# ‘ଛାତ୍ରଛାତ୍ରୀଙ୍କ ସହ ସବୁବେଳେ ଅଛି, ଜେନ୍-ଜିର ସପକ୍ଷରେ ରହିବି’



କଟକ,(ମୁକେଶ ରାମ ରିପୋର୍ଟ): କଟକର ପ୍ରତିଷ୍ଠିତ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହଷ୍ଟେଲ ପରିଚାଳନାକୁ ନେଇ ବିବାଦ ଏବେ ନୂଆ ମୋଡ଼ ନେଇଛି। ହଷ୍ଟେଲ ୱାର୍ଡେନ୍ମାନଙ୍କ ଦାୟିତ୍ୱ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ପ୍ରଶାସନିକ ହସ୍ତକ୍ଷେପକୁ ନେଇ ଚର୍ଚ୍ଚା ମଧ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନାମକୁ ନେଇ ମଧ୍ୟ ରାଜନୈତିକ ଓ ଶିକ୍ଷା ମହଲରେ ଆଲୋଚନା ଜୋର ଧରିଛି। ପ୍ରକାଶ ଚନ୍ଦ୍ର ସେଠୀ ବର୍ତ୍ତମାନ କଟକ ସଦର ନିର୍ବାଚନମଣ୍ଡଳୀର ବିଧାୟକ ଅଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟର ୱାର୍ଡେନ୍ମାନଙ୍କ ସାମୁହିକ ଇସ୍ତଫାକୁ ନେଇ ଚର୍ଚ୍ଚା ମଧ୍ୟରେ ନିଜ ମତ ସ୍ପଷ୍ଟ କରିଛନ୍ତି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ। ବିଧାୟକଙ୍କ କହିବା ଅନୁଯାୟୀ, ୱାର୍ଡେନ୍ମାନଙ୍କ ଇସ୍ତଫା ଘଟଣାକୁ ନେଇ ଏକ ସମ୍ପୂର୍ଣ୍ଣ ରାଜନୈତିକ ଷଡଯନ୍ତ୍ର କରାଯାଇଥିଲା। ବିଜେପି ସରକାରକୁ ବଦନାମ କରିବା ଉଦ୍ଦେଶ୍ୟରେ ବିରୋଧୀ ଦଳ ପକ୍ଷରୁ ଏଭଳି ପରିସ୍ଥିତି ସୃଷ୍ଟି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏହି ଚେଷ୍ଟା ବିଫଳ ହୋଇଥିବା ବିଧାୟକ ଦାବି କରିଛନ୍ତି। ବିଧାୟକ ପ୍ରକାଶ ସେଠୀ ଏହି ପ୍ରସଙ୍ଗକୁ କେବଳ ରାଜନୈତିକ ଦୃଷ୍ଟିରୁ ନଦେଖି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରାଥମିକତା ଦେବାର କଥା କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ ବୋଲି ମତ ଦେଇ ସେ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ସେ ସବୁବେଳେ ସେମାନଙ୍କ ସହ ଠିଆ ହେବେ।

‘ଜେନ୍-ଜି’ ପିଢ଼ିର ଚିନ୍ତାଧାରା, ଆକାଂକ୍ଷା ଓ ଭବିଷ୍ୟତକୁ ସମ୍ମାନ ଦେବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ସେଠୀ କହିଛନ୍ତି। ଯୁବପିଢ଼ି ହିଁ ଆଗାମୀ ଦିନରେ ଦେଶ ଓ ସମାଜର ନେତୃତ୍ୱ ନେବେ। ତେଣୁ ସେମାନଙ୍କ ସମସ୍ୟାକୁ ଶୁଣିବା, ସେମାନଙ୍କ ମତକୁ ସମ୍ମାନ କରିବା ଏବଂ ଶିକ୍ଷାର ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତ ରଖିଛନ୍ତି। ରେଭେନ୍ସା ଭଳି ଐତିହାସିକ ଶିକ୍ଷାନୁଷ୍ଠାନର ଗରିମା ଓ ଶିକ୍ଷାର ପରିବେଶକୁ ଅକ୍ଷୁଣ୍ଣ ରଖିବା ଉପରେ ମଧ୍ୟ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ରାଜନୈତିକ ମତଭେଦ ଯାହା ଥାଉନା କାହିଁକି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ବିଶ୍ୱବିଦ୍ୟାଳୟର ସ୍ୱାର୍ଥ ସବୁଠାରୁ ଆଗରେ ରହିବା ଉଚିତ ବୋଲି ତାଙ୍କ ମତ।

ସମଗ୍ର ଘଟଣାକ୍ରମ ମଧ୍ୟରେ ବିଧାୟକ ପ୍ରକାଶ ସେଠୀଙ୍କ ବାର୍ତ୍ତା ହେଉଛି—ରାଜନୈତିକ ଅଭିଯୋଗ-ପ୍ରତ୍ୟାରୋପ ଅପେକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅଧିକ ଗୁରୁତ୍ୱପୂର୍ଣ୍ଣ। ରେଭେନ୍ସାର ଛାତ୍ରଛାତ୍ରୀଙ୍କ ସହ ସେ ସବୁବେଳେ ରହିବେ ଏବଂ ଯୁବପିଢ଼ିର ହିତ ପାଇଁ ନିଜ ସ୍ୱର ଉଠାଇବେ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ୧୬ଯାଏ ଓଡ଼ିଶାରେ ପ୍ରବଳ ବର୍ଷା



**ଭୁବନେଶ୍ୱର :** ରାଜ୍ୟରେ ତୁହାକୁ ତୁହା ବର୍ଷା ହେଉଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ-ପଶ୍ଚିମବଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟଟି ଲଘୁଚାପର ରୂପ ନେଇଛି। ଏହାର ପ୍ରଭାବରେ ଆଜି ଠାରୁ ୧୬ ତାରିଖ ଯାଏ ସାରା ରାଜ୍ୟରେ ପ୍ରବଳ ବର୍ଷା ନେଇ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୨ ଜିଲ୍ଲା କେନ୍ଦୁଝର ଓ ଅନୁଗୋଳକୁ ଅରେଞ୍ଜ ୱାର୍ନିଂ ଓ ୧୫ ଜିଲ୍ଲା ରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହି ଜିଲ୍ଲା ଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ ଓ ଝାରସୁଗୁଡା। ଅବଶିଷ୍ଟ ୧୩ ଜିଲ୍ଲାକୁ ବିଜୁଳି ଘଡଘଡି ସହ ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା କୁ ନେଇ ୟେଲୋ ବର୍ଣ୍ଣିଙ୍ଗ ଜାରି ହୋଇଛି। ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି। ଗତ ୨୪ ଘଂଟାରେ ୪ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଜଗତସିଂହପୁର କୁଜଙ୍ଗରେ ସର୍ବାଧିକ ୧୧୩ ମିମି ବର୍ଷା ରେକର୍ଡ ହୋଇଛି ।



# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ



## ଧାନ ସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା

**ଭୁବନେଶ୍ୱର:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଦୁଇ ଦିନିଆ ନୂଆଦିଲ୍ଲୀ କରିଛନ୍ତି । ଏହି ଅବସରରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂଆ ଓ ଅକ୍ଷୟ ଶକ୍ତି, ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି ।

କେନ୍ଦ୍ରୀୟ ପ୍ରତିପକ୍ଷ ଶ୍ରୀ ଯୋଶୀଙ୍କ ସହ ସାକ୍ଷାତ ଆଲୋଚନା ସମୟରେ ଶ୍ରୀ ପାତ୍ର ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ପ୍ରକ୍ରିୟା ଜାରି ରହିଥିବା ସମ୍ପର୍କରେ ଅବଗତ କରିଛନ୍ତି । ଉଭୟ ମନ୍ତ୍ରୀ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସୁଦୃଢ଼ୀକାରଣ, ଖାଦ୍ୟ ଶସ୍ୟ ସୁପରିଚାଳନା, ଗୋଦାମ ଗୃହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଚାଉଳର ଉପଯୁକ୍ତ ବଣ୍ଟନ ଉପରେ ଆଲୋଚନା କରିଥିଲେ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାଭାଗିତାରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ ସହ ହିତାଧିକାରୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ପାରସ୍ପରିକ ପ୍ରତିଶ୍ରୁତି ବଦ୍ଧତାକୁ ଏହି ଦୁଇ ମନ୍ତ୍ରୀ ଆଲୋଚନା ସମୟରେ ଦୋହରାଇଥିଲେ । ଓଡିଶାକୁ ସମସ୍ତ ସହଯୋଗ ଜାରି ରହିବା ନେଇ ଶ୍ରୀ ଯୋଶୀ ପ୍ରତିଶୃତି ଦେଇଥିଲେ ।

ଏହି ସମୟରେ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବ ଶ୍ରୀ ସଂଜୀବ ଚୋପ୍ରା, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ




ଭୁବନେଶ୍ୱର: ଓଡ଼ିଶାର ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ ମିଳିଛି। ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ , ବଲାଙ୍ଗୀର ସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଏହି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ନେସନାଲ ବୋର୍ଡ ଅଫ ଏଗଜାମଇନନେସନ ଇନ ମେଡ଼ିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ୩ଟି ସରକାରୀ ମେଡିକାଲ କଲେଜରେ ୫ଟି ବ୍ରଡ୍ ସ୍ପେସିଆଲିଟିରେ ମୋଟ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି । ଏହି ମାନ୍ୟତାପ୍ରାପ୍ତ ସିଟ୍‌ଗୁଡ଼ିକ ଶିଶୁ ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ, ଚକ୍ଷୁ ରୋଗ , ଟି.ବି. ଓ ଛାତି ରୋଗ ଏବଂ ନିଶ୍ଚେତନ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅନୁମୋଦନ ମିଳିଛି। ମୋଟ ୧୧ଟି ସିଟ୍ ମଧ୍ୟରୁ ୫ଟି ସିଟ୍ ଓଡ଼ିଶାର ଚାକିରିରେ ଥିବା ଡାକ୍ତରମାନଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ୬ଟି ସିଟ୍ ସର୍ବଭାରତୀୟ କୋଟା ଅଧୀନରେ ଉପଲବ୍ଧ ହେବ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯୋଗୁଁ ଏହା ସମ୍ଭବ ହୋଇଛି । ରାଜ୍ୟରେ ଚିକିତ୍ସା ଶିକ୍ଷାର ବିସ୍ତାର, ଡାକ୍ତରମାନଙ୍କ ପାଇଁ ଅଧିକ ପ୍ରଶିକ୍ଷଣ ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ କିରଣ ଆଣିଦେଉଛି ।

# ସେବା ହିଁ ସଂକଳ୍ପ: ଲୁନା ଭାଇଙ୍କ ମାନବିକତାର ନିଆରା ପରିଚୟ



ଭୁବନେଶ୍ୱର: କୈବଲ୍ୟ ରାଜ ପଟ୍ଟନାୟକ—କିନ୍ତୁ ଏହି ନାମଠାରୁ ‘ଲୁନା ଭାଇ’ ନାମରେ ସେ ଅଧିକ ପରିଚିତ। ନିଜ ଅଞ୍ଚଳର ଲୋକଙ୍କ ସୁଖଦୁଃଖରେ ସାଥୀ ହୋଇ ଠିଆ ହେବା ଏବଂ ଅସହାୟଙ୍କୁ ନିଃସ୍ୱାର୍ଥ ସାହାଯ୍ୟ କରିବା ତାଙ୍କ ଜୀବନର ଏକ ପ୍ରମୁଖ ଲକ୍ଷ୍ୟ। ପ୍ରଧାନସାହି ପଞ୍ଚାୟତରୁ ଆରମ୍ଭ କରି ସୁନ୍ଦରପଦା ଓ ଆଖପାଖ ଅଞ୍ଚଳ ପର୍ଯ୍ୟନ୍ତ ତାଙ୍କ ସମାଜସେବାର ପରିଚୟ ଧୀରେଧୀରେ ବ୍ୟାପକ ହୋଇଛି।

ବିପଦ ସମୟରେ ଲୋକଙ୍କ ପାଖରେ ପହଞ୍ଚିବା ହେଉଛି ଲୁନା ଭାଇଙ୍କ ସେବା କାର୍ଯ୍ୟର ଏକ ବିଶେଷ ଦିଗ। ବାତ୍ୟା ପ୍ରବଣ ଅଞ୍ଚଳରେ ବିପର୍ଯ୍ୟୟ ସମୟରେ ରିଲିଫ ସାମଗ୍ରୀ ପହଞ୍ଚାଇବା, ଶୁଖିଲା ଖାଦ୍ୟ ବଣ୍ଟନ କରିବା ଏବଂ ଆବଶ୍ୟକତାରେ ଥିବା ପରିବାରଙ୍କୁ ସହଯୋଗ କରିବା ଭଳି କାର୍ଯ୍ୟରେ ସେ ନିଜକୁ ସାମିଲ କରିଆସିଛନ୍ତି। ବିପଦ ଯେତେବେଳେ ଆସେ, ସେତେବେଳେ ଅନେକଙ୍କ ପାଇଁ ଛୋଟ ସାହାଯ୍ୟଟିଏ ମଧ୍ୟ ବଡ଼ ଆଶ୍ୱାସନ ହୋଇଥାଏ—ଏହି ଭାବନାକୁ ନେଇ ସେ ଲୋକଙ୍କ ପାଖରେ ଠିଆ ହୁଅନ୍ତି।

କେବଳ ବିପର୍ଯ୍ୟୟ ନୁହେଁ, ଅସୁସ୍ଥ ଲୋକଙ୍କ ପାଇଁ ମଧ୍ୟ ଲୁନା ଭାଇଙ୍କ ସହଯୋଗ ଅନେକ ସମୟରେ ଆଶାର ଆଲୋକ ହୋଇଛି। ଆବଶ୍ୟକତା ଥିବା ରୋଗୀଙ୍କୁ ଡାକ୍ତରଖାନା ନେବାଠାରୁ ଆରମ୍ଭ କରି ଜରୁରୀ ସମୟରେ ସହଯୋଗର ହାତ ବଢ଼ାଇବା ପର୍ଯ୍ୟନ୍ତ ସେ ନିଜ ସାମର୍ଥ୍ୟ ଅନୁସାରେ ସହଯୋଗ କରନ୍ତି। ତାଙ୍କ ପାଇଁ ସମାଜସେବା କୌଣସି ପ୍ରଚାରର ବିଷୟ ନୁହେଁ, ବରଂ ମଣିଷ ପାଇଁ ମଣିଷର କର୍ତ୍ତବ୍ୟ।

ନିଜ ସ୍ୱାର୍ଥକୁ ପଛରେ ରଖି ଅସହାୟ ଲୋକଙ୍କ ମୁହଁରେ ହସ ଫୁଟାଇବା ହିଁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସେଥିପାଇଁ ଅଞ୍ଚଳର ଅନେକ ଲୋକ ତାଙ୍କୁ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ବରଂ ଜଣେ ଭରସାଯୋଗ୍ୟ ‘ଲୁନା ଭାଇ’ ଭାବେ ଦେଖନ୍ତି। ସମାଜରେ ଏଭଳି ନିଃସ୍ୱାର୍ଥ ସେବାର ମନୋଭାବ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଇଥାଏ। ଲୁନା ଭାଇଙ୍କ ଯାତ୍ରା ଏହି ବାର୍ତ୍ତା ଦିଏ—ମଣିଷ ପାଇଁ କରାଯାଇଥିବା ଛୋଟିଆ ସାହାଯ୍ୟ ମଧ୍ୟ ମାନବିକତାର ବଡ଼ ପରିଚୟ ହୋଇପାରେ।

# ନେତାଜୀଙ୍କ ଚିତାଭସ୍ମ ଫେରାଇ ଆଣିବାକୁ ଝିଅ ଗଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ ଜାପାନର ଟୋକିଓସ୍ଥିତ ରେଙ୍କୋଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ଫେରାଇ ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି।

ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଏଏମ୍ ସିଂଘଭି କହିଛନ୍ତି ଯେ ଏହା ଏପରି ଏକ ମାମଲା ଯେଉଁଥିରେ ନେତାଜୀଙ୍କ ଝିଅ ବ୍ୟକ୍ତିଗତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ପ୍ରଥମେ ଜବାବ ଦେବାକୁ ଅନୁମତି ଦିଆଯିବା ଉଚିତ୍। ଏହାପରେ ସିଜେଆଇ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ, ମାର୍ଚ୍ଚ ୨୦୨୬ ରେ, ସୁପ୍ରିମକୋର୍ଟ ନେତାଜୀଙ୍କ ପୁତୁରାଙ୍କ ପୁଅ ଆଶିଷ ରାୟଙ୍କ ଦ୍ୱାରା ଦାୟର ଏକ ଜନହିତକର ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ।

ସେହି ସମୟରେ, ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ କହିଥିଲେ ଯେ ନେତାଜୀଙ୍କ ଝିଅ ଅନିତା ବୋଷ ଫାଫ୍ ବ୍ୟକ୍ତିଗତ ଭାବରେ ନିଜ ନାମରେ ଆବେଦନ ଦାଖଲ କରିବା ଉଚିତ୍, କାରଣ ସେ ତାଙ୍କର ଆଇନଗତ ଉତ୍ତରାଧିକାରୀ। ବର୍ତ୍ତମାନ, ଅନିତା ବୋଷ ଫାଫ୍ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ଚିତାଭସ୍ମକୁ ଭାରତକୁ ଫେରାଇ ଆଣିବା ପାଇଁ ଦାବି କରାଯାଇଛି।

ନେତାଜୀଙ୍କ ଝିଅ ଦାବି କରୁଛନ୍ତି ଯେ ନେତାଜୀଙ୍କ ଅସ୍ଥି, ଯାହା ଜାପାନର ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା କୁହାଯାଉଛି, ତାହାକୁ ଭାରତ ଅଣାଯାଉ। ସେ କହିଛନ୍ତି ଯେ ନେତାଜୀଙ୍କୁ ଭାରତ ମାଟିରେ ଶେଷ ସମ୍ମାନ ଦିଆଯିବା ଉଚିତ୍ । ସେ ବର୍ଷ ବର୍ଷ ଧରି ଏହି ଦାବି ପାଇଁ କାମ କରିଆସୁଛନ୍ତି। ଏହା ଉଲ୍ଲେଖନୀୟ ଯେ ନେତାଜୀଙ୍କ ଅସ୍ଥି ଫେରାଇ ଆଣିବା ପ୍ରସଙ୍ଗ ତାଙ୍କ କଥିତ ବିମାନ ଦୁର୍ଘଟଣା ଘଟଣା ପରି ପୁରୁଣା । ନେତାଜୀଙ୍କ ଝିଅ ଅନିତା ବୋଷ ଜର୍ମାନୀରେ ରୁହନ୍ତି ଏବଂ ତାଙ୍କ ପିତାଙ୍କ ଅସ୍ଥିକୁ ଜନ୍ମଭୂମିକୁ ଫେରାଇ ଆଣିବା ପାଇଁ ନିରନ୍ତର ଆବେଦନ କରିଆସୁଛନ୍ତି। ଗତ ବର୍ଷ, ନେତାଜୀଙ୍କ ଅଣନାତି ଚନ୍ଦ୍ର କୁମାର ବୋଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖି ନେତାଜୀଙ୍କ ଅସ୍ଥିକୁ ଭାରତ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ ।



କୁହାଯାଉଛି ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୮ ଅଗଷ୍ଟ ୧୯୪୫ରେ ତାଇୱାନରେ ଏକ ଜାପାନୀ ସାମରିକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ଚିତାଭସ୍ମ ସେପ୍ଟେମ୍ବର ୧୯୪୫ ଠାରୁ ରେଙ୍କୋଜି ବୌଦ୍ଧ ମନ୍ଦିରରେ ଏକ କଳସରେ ସଂରକ୍ଷିତ ଅଛି । ନେତାଜୀଙ୍କ ମୃତ୍ୟୁର ତଦନ୍ତରୁ ଜଣାପଡିଛି ଯେ, ସେ ବିମାନ ଦୁର୍ଘଟଣାରେ ଗୁରୁତର ପୋଡ଼ି ଯାଇଥିଲେ ଏବଂ ଜାପାନର ଏକ ସାମରିକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା।

# ହିମାଚଳରେ ମୌସୁମୀର କୋପ : ୧୫୭ ମୃତ, ୨୫୯ ରାସ୍ତା ବନ୍ଦ



**ନୂଆଦିଲ୍ଲୀ:** ଲଗାଣ ବର୍ଷା, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ହିମାଚଳପ୍ରଦେଶର ସ୍ଥିତି ଦିନକୁଦିନ ଗମ୍ଭୀର ହେବାରେ ଲାଗିଛି। ଜୁନ୍ ୩୦ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାଜନିତ ଘଟଣା ଓ ସଡ଼କ ଦୁର୍ଘଟଣାରେ ୧୫୭ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଅନୁସାରେ, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ୬୮ ଜଣ ପ୍ରାଣ ହରାଇଛନ୍ତି। ଏହାସହ ସଡ଼କ ଦୁର୍ଘଟଣାରେ ଆଉ ୮୯ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୨୫୭ ଜଣ ନିଖୋଜ ଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି । ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୨୫୯ଟି ରାସ୍ତାରେ ଯାତାୟାତ ଠପ୍ ହୋଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ମଣ୍ଡି-କୁଲ୍ଲୁ ରାଜପଥ ମଧ୍ୟ ରହିଛି। ମଣ୍ଡିରେ ୧୨୦, ଚମ୍ବାରେ ୪୨, କୁଲ୍ଲୁରେ ୪୦ ଏବଂ ଶିମଲାରେ ୩୦ଟି ରାସ୍ତା ବନ୍ଦ ରହିଛି ।

ଲଗାଣ ବର୍ଷାରେ ପ୍ରାୟ ୯୦୦ଟି ଘର, ସରକାରୀ ସମ୍ପତ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇ ଛି। ମୋଟ କ୍ଷୟକ୍ଷତି ପ୍ରାୟ ୮୮୬ କୋଟି ଟଙ୍କା ଆକଳନ କରାଯାଇଛି । ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬୧ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ ଅଚଳ ହୋଇଥିବା ବେଳେ ମଣ୍ଡିରେ ୭୭ଟି, ଶିମଲାରେ ୪୩ଟି ଓ କୁଲ୍ଲୁରେ ୪୦ଟି ଟ୍ରାନ୍ସଫର୍ମର୍ ପ୍ରଭାବିତ ହୋଇଛି । ସ୍ଥିତି ଏବେ ବି ଚିନ୍ତାଜନକ । ଭାରତୀୟ ପାଣିପାଗ ବିଭାଗ କାଙ୍ଗଡ଼ା, ମଣ୍ଡି, ହମିରପୁର, ଶିମଳା ଓ ସିରମୌରରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ୍ ଆଲର୍ଟ ଜାରି କରିଛି । ଚମ୍ବା, କୁଲ୍ଲୁ, ସୋଲନ ଓ ବିଲାସପୁରରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ଫଳରେ ଭିତ୍ତିଭୂମି ପୁନରୁଦ୍ଧାର ସହ ଆଗକୁ ଆସୁଥିବା ବର୍ଷାକୁ ମୁକାବିଲା କରିବା ହିମାଚଳ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

# ‘ମଙ୍ଗଳ ମିଳନ’ରେ ତ୍ରିରଙ୍ଗା ଉଡ଼ାଇଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ନୂଆଦିଲ୍ଲୀର ସଂସଦ ପାଠାଗାରରେ ମଙ୍ଗଳବାର ଏନଡିଏର ‘ମଙ୍ଗଳ ମିଳନ’ ବୈଠକ ଅନୁଷ୍ଠିତ ହୋଇଛି । ମୌସୁମୀ ଅଧିବେଶନର ଆଉ ତିନି ଦିନ ବାକି ଥିବା ବେଳେ ସଂସଦରେ ଏନଡିଏର ଆଗାମୀ ରଣନୀତି ନେଇ ଏହି ବୈଠକରେ ଆଲୋଚନା ହୋଇଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଏନଡିଏର ବହୁ ବରିଷ୍ଠ ନେତା ଓ ସାଂସଦ ଉପସ୍ଥିତ ଥିଲେ । ‘ବନ୍ଦେ ମାତରମ୍’ ସ୍ଲୋଗାନ୍ ?ରୁ ବୈଠକ ଆରମ୍ଭ ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ବିଜେପି ସଭାପତି ନୀତିନ ନବୀନ ଏବଂ ଅନ୍ୟ ଏନଡିଏ ନେତାମାନେ ତ୍ରିରଙ୍ଗା ଉଡ଼ାଇଥିଲେ।

ବୈଠକରେ ମୌସୁମୀ ଅଧିବେଶନର ଶେଷ ତିନି ଦିନରେ ସଂସଦରେ କେଉଁ ପ୍ରସଙ୍ଗ ଉଠାଯିବ ଏବଂ କେଉଁ ରଣନୀତି ଆପଣାଯିବ, ସେନେଇ ଆଲୋଚନା ହୋଇଛି । ଏହା ସହିତ ଏନଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଭଲ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

‘ମଙ୍ଗଳ ମିଳନ’ ଏନଡିଏ ସାଂସଦୀୟ ଦଳର ଏକ ନିୟମିତ ରଣନୀତି ବୈଠକ। ସଂସଦ ଅଧିବେଶନ ସମୟରେ ଗୃହର କାର୍ଯ୍ୟକ୍ରମ, ବିଭିନ୍ନ ପ୍ରସଙ୍ଗ ଏବଂ ଦଳୀୟ ରଣନୀତି ନେଇ ଏଠାରେ ଆଲୋଚନା କରାଯାଏ । ଏହା ମାଧ୍ୟମରେ ଏନଡିଏର ବିଭିନ୍ନ ସହଯୋଗୀ ଦଳ ମଧ୍ୟରେ ସମନ୍ୱୟ ଓ ସହମତି ବଜାୟ ରଖିବାକୁ ଉଦ୍ୟମ କରାଯାଏ । ଅନ୍ୟପଟେ, ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦ ପ୍ରସଙ୍ଗକୁ ନେଇ ଏନଡିଏ ସାଂସଦମାନେ ସଂସଦ ପରିସରରେ ପ୍ରତିବାଦ କରିଥିବା ମଧ୍ୟ ଜଣାପଡ଼ିଛି । ଫଳରେ ବୈଠକ ସହିତ ଏହି ପ୍ରସଙ୍ଗ ମଧ୍ୟ ରାଜନୈତିକ ଚର୍ଚ୍ଚାରେ ରହିଛି ।

# ଏକଛତ୍ରବାଦୀ ଶାସକ ପଳାତକ ବସର ଅଲ-ଆସାଦଙ୍କୁ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ :** ସିରିଆର ଏକ କୋର୍ଟ ପୂର୍ବତନ ଶାସକ ପଳାତକ ବଶର ଅଲ-ଆସାଦଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଗୃହଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବାରୁ କୋର୍ଟ ତାଙ୍କୁ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ବଶର ଅଲ-ଆସାଦ ୨୪ ବର୍ଷ ଧରି ସିରିଆରେ ଶାସନ କରିଥିଲେ।



କିନ୍ତୁ, ଡିସେମ୍ବର ୨୦୨୪ ରେ ଇସଲାମିକ ଶକ୍ତି ଡାମାସକସ୍ ନିକଟରେ ପହଞ୍ଚିବା ପରେ, ସେ ତାଙ୍କ ପରିବାର ସହିତ ରୁଷକୁ ପଳାଇ ଯାଇଥିଲେ ଏବଂ ସେବେଠାରୁ ସେଠାରେ ଅଛନ୍ତି।ବଶର ଅଲ-ଆସାଦଙ୍କୁ କ୍ଷମତା ଚ୍ୟୁତ କରି ତାଙ୍କ ସ୍ଥାନରେ ଆମେରିକା ସମର୍ଥିତ ରାଷ୍ଟ୍ରପତି ଅହମଦ ଅଲ-ଶାରାଙ୍କ ନେତୃତ୍ୱରେ ଦେଶରେ ଶାସନ ଚାଲିଛି। ୧୩ ବର୍ଷର ଗୃହଯୁଦ୍ଧରେ ପ୍ରାୟ ପାଞ୍ଚ ଲକ୍ଷ ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷ ଲକ୍ଷ ଲୋକ ଭିଟାମାଟି ଛାଡିଥିଲେ। ସିରିଆର ଭିତ୍ତିଭୂମି ଧ୍ୱଂସ ହୋଇଯାଇଥିଲା। ୨୦୧୧ ମସିହାରେ ଦାରା ପ୍ରଦେଶରେ ଅସାଦଙ୍କ ସରକାର ଦ୍ୱାରା କରାଯାଇଥିବା ଅପରାଧ ମାନବତା ବିରୋଧୀ ଅପରାଧ ଥିଲା। ପୂର୍ବତନ ସିରିଆ ସେନା ନେତା ଏବଂ ବଶରଙ୍କ ସାନ ଭାଇ ମାହେର ଅଲ-ଅସାଦଙ୍କୁ ମଧ୍ୟ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। କୋର୍ଟ ବଶାର ଅଲ-ଅସାଦଙ୍କ ସମ୍ପର୍କୀୟ ଭାଇ, ସିରିଆ ସେନାର ପୂର୍ବତନ ବ୍ରିଗେଡିୟର ଜେନେରାଲ ଆତେଫ୍ ନଜିବଙ୍କୁ ମଧ୍ୟ ମୃତ୍ୟୁ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ୨୦୧୧ ମସିହାରେ, ଅସାଦଙ୍କ ଶାସନ ସମୟରେ ନଜିବ ଦକ୍ଷିଣ ସିରିଆର ଦାରା ପ୍ରଦେଶରେ ରାଜନୈତିକ ସୁରକ୍ଷା ଶାଖାର ନେତୃତ୍ୱ ନେଇଥିଲେ।

ଗତବର୍ଷ ଜାନୁଆରୀରେ ଆତେଫ୍ ନଜିବଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ହତ୍ୟା, ୧୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଉଦ୍ଦେଶ୍ୟମୂଳକ ହତ୍ୟା ଏବଂ ନିର୍ଯାତନା ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କୋର୍ଟ ନଜିବଙ୍କ ବିରୋଧରେ ଅଭିଯୋଗକୁ ମାନବତା ବିରୋଧୀ ଅପରାଧ ବୋଲି ରାୟ ଦେଇଥିଲେ।ଅଲ-ଆସାଦ ପରିବାର ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ସିରିଆରେ ଶାସନ କରିଥିଲେ। ହାଫେଜ୍ ଅଲ୍-ଆସାଦ ଏବଂ ତାଙ୍କ ପରେ ତାଙ୍କ ପୁଅ ବଶର ଅଲ୍-ଆସାଦ ଶାସନ କରିଥିଲେ। ‘ଆରବ ସ୍ପ୍ରିଙ୍ଗ୍’ ସମୟରେ, ୨୦୧୧ ମସିହାରେ ୨୩ ନିୟୁତ ଲୋକ ବସବାସ କରୁଥିବା ଏହି ଦେଶରେ ଦମନକାରୀ ଏକଛତ୍ରବାଦୀ ଶାସନ ବିରୋଧରେ ଏକ ବିଦ୍ରୋହ ଆରମ୍ଭ ହୋଇଥିଲା। ଏହା ଏକ ବିନାଶକାରୀ ୧୩ ବର୍ଷର ଗୃହଯୁଦ୍ଧର ଆରମ୍ଭ କରିଥିଲା ଯେଉଁଥିରେ ସିରିଆନ୍ ଅବଜରଭେଟୋରୀ ଫର୍ ହ୍ୟୁମାନ୍ ରାଇଟ୍ସ ଅନୁଯାୟୀ, ପାଞ୍ଚ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଲକ୍ଷ ଲକ୍ଷ ଲୋକ ଦେଶ ଛାଡି ଲେବାନନ୍, ଜୋର୍ଡାନ, ତୁର୍କୀ ଏବଂ ୟୁରୋପକୁ ପଳାଇ ଯାଇଥିଲେ। କ୍ଷମତାରେ ରହିବା ପାଇଁ ଆସାଦ ପରିବାର ଧାର୍ମିକ ଏବଂ ସାମ୍ପ୍ରଦାୟିକ ଉତ୍ତେଜନାର ଫାଇଦା ଉଠାଇଥିବା ଅଭିଯୋଗ ହୋଇଥିଲା।

# କେରଳ ହେବ ‘କେରଳମ୍’ ଲୋକସଭାରେ ଗୃହୀତ ହେଲା ବିଲ୍

**ନୂଆଦିଲ୍ଲୀ:** କେରଳର ନାଁ ବଦଳି ‘କେରଳମ’ ହେବ। କେରଳର ନାମ ପରିବର୍ତ୍ତନ ସଂକ୍ରାନ୍ତ ଏକ ବିଲ୍ ଲୋକସଭାରେ ଗୃହୀତ ହୋଇଯାଇଛି। ତେବେ ବିନା ଆଲୋଚନାରେ ଏହି ବିଲ୍ ଗୃହୀତ ହୋଇଥିବାରୁ ସରକାର କଂଗ୍ରେସ ସାଂସଦମାନଙ୍କୁ ଏନେଇ କଟାକ୍ଷ କରିଛନ୍ତି। କେରଳର ନାମ ପରିବର୍ତ୍ତନ କରି ‘କେରଳମ୍’ କରିବା ପାଇଁ କେରଳ ବିଧାନସଭାରେ ୨୦୨୪ରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଏନେଇ ଏକ ଆଇନ ଆଣିବାକୁ କେରଳ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ଆଜି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଦ୍ୱାରା ଆଗତ କରାଯାଇଥିବା ଦି କେରଳ (ଅଲଟରେସନ ଅଫ୍ ନେମ୍) ବିଲ୍, ୨୦୨୬ ବିନା ଆଲୋଚନାରେ ବାଚନିକ ଭୋଟ୍‌ରେ ଗୃହରେ ଗୃହୀତ ହୋଇଛି । ମନ୍ତ୍ରୀ ରାୟ ଆଜି ଏ ନେଇ କଂଗ୍ରେସକୁ ସମାଲୋଚନା କରିଛନ୍ତି। ରାୟ କହିଛନ୍ତି, ଏଥିରୁ ଜଣାପଡୁଛି ଯେ କଂଗ୍ରେସ ସାଂସଦମାନେ ନାମ ପରିବର୍ତ୍ତନକୁ ସମର୍ଥନ କରୁନାହାନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ କଂଗ୍ରେସକୁ କଟାକ୍ଷ କରି କହିଛନ୍ତି, ଏହା ଖୁବ୍ ଦୁଃଖଦାୟକ ଯେ ସାଂସଦ କେସି ବେଣୁଗୋପାଳ କେରଳର ହୋଇଥିଲେ ମଧ୍ୟ ସେ ବିଲ୍ ଉପରେ କିଛି କହିଲେନି। ବିରୋଧୀ ସଦସ୍ୟ ମାନେ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅତ୍ୟଧିକ ବଳପ୍ରୟୋଗକୁ ବିରୋଧ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରି ସ୍ଲୋଗାନ୍ ଦେଇଥିବା ବେଳେ କେରଳ ନାମ ପରିବର୍ତ୍ତନ ବିଲ୍ ବିନା ଆଲୋଚନାରେ ଗୃହୀତ ହୋଇଛି।



# ଆମେରିକା ତାତିଲା କଡ଼େଇରେ ଫୁଟୁଛି

## ୯୦ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା

ଆମେରିକା ପାଲଟିଛି ତାତିଲା କଡ଼େଇ, ୯୦ ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା । ଆମେରିକାରେ ଚଳିତବର୍ଷ ଜୁଲାଇ ମାସର ଗରମ ପୂର୍ବ ରେକର୍ଡ ଭାଙ୍ଗି ଦେଇଛି। ଏହା ଆମେରିକାର ସବୁଠାରୁ ଗରମ ମାସ ଭାବେ କରିଛି ରେକର୍ଡ। ଆମେରିକାର ଜାତୀୟ ସମୁଦ୍ର ଏବଂ ବାୟୁମଣ୍ଡଳୀୟ ପ୍ରଶାସନ -ଏନଓଏଏ ଏହା ଘୋଷଣା କରିଛି। ଏହା ବ୍ୟତୀତ ବର୍ତ୍ତମାନ ଆମେରିକାର କାଲିଫର୍ଣ୍ଣିଆ ଏବଂ ନେଭାଡା ରାଜ୍ୟର ସୀମାନ୍ତ ଜଙ୍ଗଲ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ୧୫ ହଜାର ଏକର ଜଙ୍ଗଲ ଜମିରେ ବ୍ୟାପିଛି ନିଆଁ ।

ଏନେଇ ସରକାରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।



ଜୁଲାଇ ମାସରେ ୪୮ଟି ଆମେରିକୀୟ ରାଜ୍ୟରେ ହାରାହାରି ତାପମାତ୍ରା ୭୬ ଦଶମିକ ୯ ଡିଗ୍ରୀ ଫାରେନହାଇଟ୍ ବା ୨୪ ଦଶମିକ ୯ ଡିଗ୍ରୀ ସେଲସିୟସ୍ ଥିଲା। ଏନଓଏଏ ପାଖରେ ୧୩୨ ବର୍ଷର ରେକର୍ଡ ରହିଛି। ରେକର୍ଡ ଅନୁସାରେ ଚଳିତବର୍ଷ ଜୁଲାଇ ରେକର୍ଡରେ ସବୁଠାରୁ ଗରମ ମାସ ଥିଲା। ଏହି ରେକର୍ଡ ଆଲାସ୍କା, ହାୱାଇ ଏବଂ ଅନ୍ୟାନ୍ୟ ଆମେରିକୀୟ ବିଦେଶୀ ଅଞ୍ଚଳଗୁଡ଼ିକୁ ବାଦ୍ ଦେଇଛି। ଜୁଲାଇ ମାସର ହାରାହାରି ତାପମାତ୍ରା ୨୦ ଶତାବ୍ଦୀର ହାରାହାରି ତାପମାତ୍ରାଠାରୁ ୩ ଦଶମିକ୩ ଡିଗ୍ରୀ ଫାରେନହାଇଟ୍ ଅଧିକ ଥିଲା। ରେକର୍ଡ ଅନୁସାରେ ପୂର୍ବରୁ ସବୁଠାରୁ ଗରମ ମାସ ୧୯୩୬ ଜୁଲାଇ ଥିଲା। ସେତେବେଳେ ହାରାହାରି ତାପମାତ୍ରା ଥିଲା ୭୬ ଦଶମିକ ୮ ଡିଗ୍ରୀ ଫାରେନହାଇଟ୍ ।





13th-19th August 2026
୧୩-୧୯ ଅଗଷ୍ଟ ୨୦୨୬
ଓଡ଼ିଶା ନିଶବ୍ଦ
THE ODISHA NISHABDA

# ଓଡ଼ିଶାରେ ହେବ ୬୬,୩୯୨ କୋଟିର ପୁଞ୍ଜିନିବେଶ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ଅଭିଯାନ ଶନିବାର ବିପୁଳ ସମ୍ଭାବନା ସହିତ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୩୮ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଫଳରେ ଓଡ଼ିଶାକୁ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହିତ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ଶୁକ୍ରବାର 'ଓଡ଼ିଶା ଫୁଡ୍ ପ୍ରୋ-୨୦୨୬'ର ବ୍ୟାପକ ସଫଳତା ପରେ ଶନିବାର ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍ ଅନ୍ ୱାନ୍ ବୈଠକ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ନୋଏଡାସ୍ଥିତ ହାୟର କମ୍ପାନୀ ଉତ୍ପାଦନ କେନ୍ଦ୍ର ମଧ୍ୟ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି, ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ ଆଡିଶନ ହୋଇପାରିବ। ସରକାରଙ୍କ ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବତୀ, ଯୁବକଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ସହଯୋଗୀ ଭାବେ ଦେଖିବା ଦରକାର। ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବୁଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେଇଛନ୍ତି। ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ୍ ଟେବୁଲ ବୈଠକରେ ଓଡ଼ିଶାରେ ଉତ୍ପାଦନ,

ଶିଳ୍ପ, ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳ ଏକତ୍ରୀକରଣ ନେଇ ଆଲୋଚନା ହୋଇଛି। ନୋଏଡା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟର ସହଯୋଗରେ ନୋଏଡା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ୍ ଟେବୁଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ମୋଟ୍ ୩୮ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହାସହ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଛି, ଯଦ୍ଵାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଦୁଇ ଦିନରେ ଶିଳ୍ପ ଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଦିଲ୍ଲୀ-ଏନ୍‌ସିଆରରେ ଶିଳ୍ପଗୁଡ଼ିକରୁ ମିଳିଥିବା ପ୍ରତିକ୍ରିୟା ଓଡ଼ିଶାର ନିବେଶ ବାତାବରଣ ପ୍ରତି ବର୍ଦ୍ଧିତ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ସରକାରଙ୍କ ପ୍ରାଥମିକତା ହେଉଛି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବା, କ୍ଷେତ୍ର ନିର୍ଦ୍ଦିଷ୍ଟ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ବୋଲି ସେ କହିଛନ୍ତି। ଦୁଇଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ ରୋଡ୍ ଶୋ ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ୪୬ ଉଚ୍ଚସ୍ତରୀୟ ବୈଠକ ଏବଂ ମୋଟ୍ ୨୦୮ଟି ଆଲୋଚନା ହୋଇପାରିଛି।

# ଘରେ ଘରେ ତ୍ରିରଙ୍ଗା: ପ୍ରସ୍ତୁତ ହେବ ୬୦ଲକ୍ଷ ତ୍ରିରଙ୍ଗା



ଭୁବନେଶ୍ୱର: ସ୍ୱାଧୀନତା ଦିବସ ପାଳନ ଅବସରରେ ଆସନ୍ତାକାଲିଠାରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଜ୍ୟର ପ୍ରତ୍ୟେକ ବ୍ଲକ୍ ଓ ପଞ୍ଚାୟତରେ ଅଭିଯାନ ଆଡ଼ମ୍ବର ସହକାରେ ପାଳନ କରାଯିବ। ପ୍ରତ୍ୟେକ ଜିଲ୍ଲାକୁ ୧୦ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ଆଜି ସଂସ୍କୃତି ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୯ରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ 'ତ୍ରିରଙ୍ଗା ର୍ୟାଲି' ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେବେ। ଅନୁରୂପ ଭାବେ ଜିଲ୍ଲାସ୍ତରରେ ତ୍ରିରଙ୍ଗା ଶୋଭାଯାତ୍ରା ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରୁଛନ୍ତି। ଏସବୁ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ଅଗଷ୍ଟ ୧୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ। ସମସ୍ତ ଜିଲ୍ଲାରେ ମଧ୍ୟ ଏହି ସ୍ମୃତି ଦିବସ ପାଳନ ହେବ। ଦେଶ ବିଭାଜନ ସମୟରେ ପ୍ରଭାବିତ ପରିବାରବର୍ଗଙ୍କୁ ସମ୍ମାନିତ କରାଯିବ। କ୍ୟାଣ୍ଡେଲ୍ ଶୋଭାଯାତ୍ରା ହେବ।

ଅଗଷ୍ଟ ୧୫ରେ 'ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ' ପାଳନ ପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ର ଆୟୋଜିତ ହେବ। 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ କନସର୍ଟ ଆୟୋଜନ କରାଯିବ। ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ସେଲ୍‌ଫି ଉଠାଇ harghartiranga.com ୱେବ୍‌ସାଇଟ୍‌ରେ ଅପଲୋଡ୍ କରି ନିଜର ଡିଜିଟାଲ ପ୍ରମାଣପତ୍ର ଡାଉନ୍‌ଲୋଡ୍ କରିପାରିବେ। ଏଥିସହ My Gov ପୋର୍ଟାଲ୍‌ରେ ମଧ୍ୟ ଅନଲାଇନ୍ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଘରେଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ସହ ଅନ୍‌ଲାଇନ୍ କୁଇଜ୍‌ରେ ଅଂଶଗ୍ରହଣ କରିପାରିବେ।

# ପାରାଦୀପ ବନ୍ଦରରେ ଜାହାଜ ଆରେଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ:** ଏକ ଜାହାଜକୁ ଆରେଷ୍ଟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାମୁଦ୍ରିକ ବିବାଦ ସଂପର୍କିତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାବସାୟିକ ବିବାଦକୁ ନେଇ ବୋଇଲରମ୍ୟାନ ଲିମିଟେଡ ପକ୍ଷରୁ ଦାୟର ଆବେଦନର ହାଇକୋର୍ଟ ଶୁଣାଣି କରି ପାରାଦୀପ ବନ୍ଦରରେ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥାର ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତୀୟ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସେପ୍ଟେମ୍ବର ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି।



### ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପ୍ରତିପକ୍ଷ ଜାହାଜଟି ଖୁବ ଶୀଘ୍ର ପାରାଦୀପ ବନ୍ଦର ଛାଡ଼ି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ୧୧୦,୧୬୮.୫୦ ଆମେରିକୀୟ ଡଲାର ଦାବି କରି ଜାହାଜ ଓ ଏହାର ମାଲିକଙ୍କ ବିରୋଧରେ ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଆରେଷ୍ଟ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କାଜଲ ସାହୁ ମାମଲା ପରିଚାଳନା କରୁଛନ୍ତି।

# ଦୁର୍ନୀତି: ଭିମାଗୁଡ଼ି-କର୍ଲାମୁଣ୍ଡା କଂକ୍ରିଟ ରାସ୍ତା ନିମ୍ନମାନର



ରିଷିଡା : କର୍ଲାମୁଣ୍ଡା ବ୍ଲକରେ ଦୁର୍ନୀତି ଦିନକୁ ଦିନ ସୀମା ଟପୁଥିବା ଅଭିଯୋଗ ହୋଇଛି। ବ୍ଲକ ଅଧିକାରୀଙ୍କ ଦାୟିତ୍ୱହୀନତା ତଥା ଅପାରଗତା ଯୋଗୁ ଠିକାଦାରଙ୍କ ମନମାନି ଚାଲିଥିବା ଅଭିଯୋଗ ଉଠିଛି। ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ବ୍ୟର୍ଥ ଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କଂକ୍ରିଟ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। କଂକ୍ରିଟ ରାସ୍ତାରେ ୪ ଇଞ୍ଚ ବାଲି, ୪ ଇଞ୍ଚ ମେଟାଲ ଏବଂ ୪ ଇଞ୍ଚ ଚିପ୍ସ ଢଳେଇ କରାଯିବା ନେଇ ଏଷ୍ଟିମେଟରେ ଉଲ୍ଲେଖ ରହିଛି। କିନ୍ତୁ ଠିକାଦାର କେତେକ ସ୍ଥାନରେ ୨ ଇଞ୍ଚ ଓ ଆଉ କେତେକ ସ୍ଥାନରେ ୩ ଇଞ୍ଚ ମୋଟେଇରେ ମେଟାଲ ନଦେଇ କେବଳ ବାଲି ଓ ଚିପ୍ସରେ ଢଳେଇ କରିଥିବା ଅଭିଯୋଗ ହୋଇଛି। ଠିକାଦାର କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ସମୟରେ ବ୍ଲକର ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦେଖା ମିଳି ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଯନ୍ତ୍ରୀଙ୍କ ତଦାରଖ ଅଭାବର ସୁଯୋଗ ନେଇ ଠିକାଦାର ନିମ୍ନମାନର କାମ କରି ବିଲ୍ ହାତେଇ ନେବାକୁ ଉଦ୍ୟମ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମଧ୍ୟ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦେଖା ମିଳୁ ନ ଥିବା ବେଳେ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିବା ଜଣାପଡ଼ିଛି। କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବା ପରିବର୍ତ୍ତେ ନିର୍ମାଣସ୍ଥଳଠାରୁ ପ୍ରାୟ ୬୦୦ ମିଟର ଦୂରରେ ସୂଚନା ଫଳକ ଲଗାଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ସୂଚନା ଫଳକ ଏକ ଗୁହାଳର କାନ୍ଥରେ ଲଗାଯାଇଥିବା ଅଭିଯୋଗ ହୋଇଛି।

# 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନରେ ସାମିଲ ହେଲେ ପ୍ରଶାସନ ଓ ଜନସାଧାରଣ

**ବ୍ରହ୍ମପୁର,(ପ୍ରେମାନନ୍ଦ ପୂଜାରୀ):** ସ୍ୱଚ୍ଛତା କେବଳ ପରିବେଶକୁ ସୁନ୍ଦର ରଖିବାର ଏକ ପ୍ରୟାସ ନୁହେଁ, ଏହା ଏକ ସୁସ୍ଥ ସମାଜ ଓ ଦାୟିତ୍ୱଶୀଳ ନାଗରିକତାର ପରିଚୟ। ସ୍ୱଚ୍ଛତା ସହ ପରିବେଶ ସୁରକ୍ଷା ଓ ଦେଶପ୍ରେମର ଭାବନାକୁ ଏକାଠି କରି ବ୍ରହ୍ମପୁର ସହରରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ। ଏହି ଅଭିଯାନ ମାଧ୍ୟମରେ ସ୍ୱଚ୍ଛ ଓ ସବୁଜ ଗଞ୍ଜାମ ଗଠନ ସହ ଜନସାଧାରଣଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବାର ବାର୍ତ୍ତା ବହ ପାଳଟିଥିଲେ ଖୋଦ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ ।

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଫୁଲସୁନ୍ଦରୀ ସାହି ଓ ନେଳିଆବନ୍ଧ ଅଞ୍ଚଳରେ ଆୟୋଜିତ ଏହି ସ୍ୱଚ୍ଛତା ଅଭିଯାନରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜନପ୍ରତିନିଧି, ଅଧିକାରୀ-କର୍ମଚାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ଛାତ୍ରଛାତ୍ରୀ ଉତ୍ସାହର ସହ ସାମିଲ ହୋଇଥିଲେ। ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା ଅଞ୍ଚଳକୁ ସ୍ୱଚ୍ଛ ରଖିବା, ଅଳିଆ ଆବର୍ଜନାର ସୁଚାରୁ ପରିଚାଳନା କରିବା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ପରିବେଶ ପ୍ରତି ନାଗରିକଙ୍କ ଦାୟିତ୍ୱବୋଧ ବଢ଼ାଇବା।

ଅଭିଯାନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତିଭାସନ ନିଜେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇ ଲୋକଙ୍କୁ ପ୍ରେରିତ କରିଥିଲେ। ସ୍ୱଚ୍ଛତା କାର୍ଯ୍ୟରେ ଅଧିକାରୀମାନେ ନିଜେ ହାତ ଲଗାଇବା ଦ୍ୱାରା ଏହା କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନ ରହି ଏକ ଜନଆନ୍ଦୋଳନର ରୂପ ନେଇଥିଲା। ଏହି ଅବସରରେ ଜିଲ୍ଲାପାଳ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ।

ସ୍ୱଚ୍ଛତା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ନିଜ ଘର, ଗଳି, ସାହି ଓ ପରିବେଶକୁ ସ୍ୱଚ୍ଛ ରଖିବା ସହ ଅନ୍ୟମାନଙ୍କୁ ମଧ୍ୟ ସ୍ୱଚ୍ଛତା ପ୍ରତି ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଧାରିତ ସ୍ଥାନରେ ପକାଇବା ଓ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନରେ ବିଏମ୍‌ସି କମିଶନର ଏ. ଶଶ୍ୟା ରେନ୍‌ଥି ଶିକ୍ଷାନବୀସ ଆଇଏଏସ୍ ସରଣ୍ୟା ସାରାଭନନ୍, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଓ ଆଶୀର୍ବାଦ ପରିଡ଼ା, ସହକାରୀ କମିଶନର ରୋନିତ କୁମାର ଓ ବିଶାଳ ଗୌରବ ମଲ୍ଲିକଙ୍କ ସମେତ କର୍ପୋରେଟର ଟି. କିଶୋର କୁମାର ପାତ୍ର, ଅନ୍ୟାନ୍ୟ ଜନପ୍ରତିନିଧି, ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

## ସ୍ୱଚ୍ଛତା ସହ ଦେଶପ୍ରେମର ବାର୍ତ୍ତା









### ସ୍ୱଚ୍ଛତା ସହ 'ଘରେ ଘରେ ତ୍ରିରଙ୍ଗା'

ଏଥରର ଅଭିଯାନର ଅନ୍ୟତମ ଆକର୍ଷଣ ଥିଲା ସ୍ୱଚ୍ଛତା ସହ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଯୋଡ଼ାଯିବା। ସ୍ୱଚ୍ଛ ପରିବେଶ ସହ ଦେଶପ୍ରେମର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ଥାନୀୟ ବାସିନ୍ଦା ଓ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ। ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଦେଶ ପ୍ରତି ଗର୍ବର ଭାବନା ପ୍ରତ୍ୟେକ ନାଗରିକଙ୍କ ମନରେ ଜାଗ୍ରତ କରିବା ସହ ପ୍ରତ୍ୟେକ ଘରକୁ ଦେଶପ୍ରେମର ଭାବନାରେ ରଙ୍ଗାଇବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ସ୍ୱଚ୍ଛତା ଓ ଦେଶପ୍ରେମ ଭଳି ଦୁଇଟି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ଏକାଠି କରି ଆୟୋଜିତ ଏହି ଅଭିଯାନ ସାଧାରଣ ଲୋକଙ୍କ ମଧ୍ୟରେ ଏକ ନୂଆ ସଚେତନତା ସୃଷ୍ଟି କରିଥିଲା। ଅଭିଯାନରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗୀଦାରି ଏହାକୁ ଆହୁରି ଅର୍ଥପୂର୍ଣ୍ଣ କରିଥିଲା। ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତେ ମିଳିତ ଭାବେ କାମ କଲେ ହିଁ ଗଞ୍ଜାମକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ଜିଲ୍ଲାରେ ପରିଣତ କରାଯାଇପାରିବ ବୋଲି ଅଭିଯାନରୁ ବାର୍ତ୍ତା ମିଳିଥିଲା। ସ୍ୱଚ୍ଛ ଗଞ୍ଜାମ, ସବୁଜ ଗଞ୍ଜାମ ଓ ଦେଶପ୍ରେମୀ ଗଞ୍ଜାମ ଗଠନରେ ପ୍ରଶାସନ ସହ ପ୍ରତ୍ୟେକ ନାଗରିକଙ୍କ ସହଭାଗିତା ହିଁ ଏହି ଅଭିଯାନର ମୁଖ୍ୟ ସନ୍ଦେଶ ହୋଇ ଉଭା ହୋଇଥିଲା।

# ପରିବେଶର ରୋଷ

ଯୁଦ୍ଧ, ଅର୍ଥନୈତିକ ଅସ୍ଥିରତା ଆମକୁ ଯେତିକି କ୍ଷତାକ୍ତ କରୁଛି, ତା'ଠାରୁ ଅଧିକ ବିପଦରେ ପକାଉଛି ଜଳବାୟୁ ପରିବର୍ତ୍ତନ। ଥଣ୍ଡା ଜଳବାୟୁରେ ବଢ଼ି ଆସିଥିବା ୟୁରୋପ ମହାଦେଶବାସୀ ୪୦ରୁ ଊର୍ଦ୍ଧ୍ୱ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାକୁ ସହ୍ୟ ନକରି ତ୍ରାହି ତ୍ରାହି ଡାକୁଥିଲେ। ଅତ୍ୟଧିକ ଗରମ ସହି ନ ପାରି ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଗୁଡି ଥିବା ପାଣିପାଗର ପରିବର୍ତ୍ତନ ଶୈଳୀ ଆଜି ସମସ୍ତଙ୍କୁ ଆକ୍ରାମାକ୍ରା କରୁଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଭାରତ କଥା ଭାବିବା ତେବେ ଜଳବାୟୁର ବ୍ୟାପକ ପରିବର୍ତ୍ତନ ସିଧାସଳଖ ଆମକୁ ଚିନ୍ତାରେ ପକାଇଲାଣି। ମୌସୁମୀ ବର୍ଷା ଅପେକ୍ଷା ଲଘୁଚାପଜନିତ ବୃଷ୍ଟି ଗୋଟେ ଗୋଟେ ଅଞ୍ଚଳକୁ ବୁଡ଼ାଇ ଦେଉଛି। ଆଶ୍ଚର୍ଯ୍ୟର କଥା ଯେ ସ୍ୱାଭାବିକ ମୌସୁମୀ ଦେଖିବାକୁ ମିଳୁନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଲଘୁଚାପରେ ବର୍ଷା କେବଳ ନୁହେଁ, ସବୁ କଥା 'ଚାପ'ରେ ହେଉଛି। ଯେଉଁ ସମୟରେ ଯେଉଁଭଳି ଭାବେ ଋତୁର ପ୍ରଭାବ ଅନୁଭୂତ ହେବା କଥା, ତାହା ଦେଖାଯାଉ ନାହିଁ। କହିବାକୁ ଗଲେ ପ୍ରକୃତି ବିଗିଡ଼ି ନାହିଁ। ମଣିଷ ପାଇଁ ତାହାର ପ୍ରଭାବ ବଦଳୁଥିବାରୁ ସମସ୍ୟା ଆମର, ପ୍ରକୃତିର ନୁହେଁ। ଅନ୍ତର୍ଜାତୀୟ ସ୍ତରରୁ ଜାତୀୟ ଓ ଆଞ୍ଚଳିକ ସ୍ତରକୁ ଓହ୍ଲାଇକରି ଦେଖିଲେ ମଣିଷର କାର୍ଯ୍ୟକଳାପ ସବୁ ପ୍ରକାର ଅସ୍ୱାଭାବିକତା ପାଇଁ ଦାୟୀ ବୋଲି ଜୋର ଦେଇ କହିହେବ। ଆମେ ଓଡ଼ିଶାରେ ମନୁଷ୍ୟକୃତ ଧ୍ୱଂସାତ୍ମକ ପରିଣତିକୁ ମର୍ମେ ମର୍ମେ ଅନୁଭବ କରୁଛେ। ଜଙ୍ଗଲକ୍ଷୟ, ଭୂତଳ ବିଦାରି ଅତ୍ୟଧିକ ଖଣିଜ ପଦାର୍ଥ ଉତ୍ତୋଳନ ଯୋଗୁ ଜୀବଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ ହେବାରୁ ସେମାନେ ରାସ୍ତାକୁ ଆସି ସେମାନଙ୍କ ଖାଦ୍ୟ ମାଗିବା ଦୃଶ୍ୟ ଦେଖିବାକୁ ମିଳିଲାଣି। ସୁନ୍ଦରଗଡ଼ କୋଇଡ଼ା ବନାଞ୍ଚଳ ଅନ୍ତର୍ଗତ ପାନ୍‌ପୋଶିଆ-ଯୋଡ଼ିପଡ଼ା ରାସ୍ତାରେ ଏକ ଦନ୍ତାହାତୀ ଟ୍ରକ୍‌କୁ ଅଟକାଇ ଖାଦ୍ୟ ମାଗୁଥିବା ଛବି ସୋସିଆଲ ମିଡିଆରେ ଘୂରୁଥିବା ଲକ୍ଷ୍ୟ କରାଯାଇଛି। ହାତୀଟିକୁ ଯିଏ ଖାଇବାକୁ ଦେଉଛି ସେ ତାହାକୁ ଗ୍ରହଣ କରୁଛି, କିଛି ନ ମିଳିଲେ କ୍ଷତି କରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏହା ଦ୍ୱାରା ଟ୍ରାଫିକ୍ ଜାମ୍ ହେଉଥିବା ଦୃଶ୍ୟ ନଜରକୁ ଆସିଛି । ସୋସିଆଲ ମିଡିଆରେ ନିକଟରେ ଘୁରିବୁଲୁଥିଲା ଏକ ହୃଦୟସ୍ପର୍ଶୀ ଦୃଶ୍ୟ ସାମ୍ନା ଆସିଥିଲା ଏକ ହାତୀ ବିଚ୍ ରାସ୍ତାରେ ଗାଡି ଅଟକାଇ ଖାଦ୍ୟ ମାଗୁଥିବାର ଦୃଶ୍ୟ। ପରିବେଶ ଅବକ୍ଷୟ, ଖାଦ୍ୟ ସଙ୍କଟ ଏବଂ ମଣିଷ-ପଶୁ ସଂଘର୍ଷର ଗୁରୁତର ଦିଗକୁ ଦେଖିବାର ସମୟ ଆସିଲାଣି। ମଣିଷ ଭାବୁଛି କଳେବଳେ କୌଶଳେ ଜନ୍ତୁମାନଙ୍କୁ କରାୟତ୍ତ କରିଦେବ। କିନ୍ତୁ ବୁଝିବା ଦରକାର ଯେ, ଏସବୁ ଅସଙ୍ଗତିକୁ ଆଉ ଶୀଘ୍ର ଦୂର କରିବା କଷ୍ଟକର ହୋଇପଡ଼ିବ। ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧକୁ ହୁଏତ ଗୋଟିଏ ସମୟ ଆସିପାରେ ଆଲୋଚନା ମାଧ୍ୟମରେ ବନ୍ଦ କରାଯାଇପାରିବ। କିନ୍ତୁ ପ୍ରକୃତି ଓ ପରିବେଶକୁ ଯେତେ ମାତ୍ରାରେ ନଷ୍ଟ କରି କରିଦିଆଗଲାଣି ସେଥିରେ ପୂର୍ଣ୍ଣଚ୍ଛେଦ ଲାଗି ନ ପାରେ। ଏହାର ରାଶି ରାଶି ଉଦାହରଣ ଉତ୍ତର ଭାରତର ଚାରିଧାମ ଅଞ୍ଚଳଠାରୁ ଦକ୍ଷିଣ ଭାରତର ୱାୟନାଡ୍ ପର୍ଯ୍ୟନ୍ତ ପ୍ରକୃତି ସତର୍କବାଣୀ ଦେଇଚାଲିଛି ଏବଂ ପ୍ରତ୍ୟେକ ଥର ତାହା ଅଧିକରୁ ଅଧିକ ବିଷମ ହେଉଛି। ସରକାରୀ ଅନୁମୋଦନ ସହିତ ଆରାବଳିରୁ ଆଣ୍ଡାମାନ ନିକୋବରକୁ ଖ୍ୱନ୍‌ଭିନ୍ କରିବା କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇସାରିଲାଣି।

# ସ୍ୱାଧୀନତା, ସମ୍ବିଧାନ ଓ ସାଧାରଣ ଜନତା

● ଚିତ୍ତରଂଜନ ମହାନ୍ତି

ଆମ ଦେଶ ଭାରତ ପ୍ରକୃତିର କୃପାରୁ ସାଗର ଓ ଉଚ୍ଚ ପର୍ବତମାଳା ବେଷ୍ଟିତ ହୋଇ ଭୌଗୋଳିକ ଦୃଷ୍ଟିରୁ ଏକାକାର ହୋଇଥିଲେ ମଧ୍ୟ ଅନ୍ୟମାନଙ୍କ ମଧ୍ୟରେ କୃତ୍ରିମ ବିଭାଜନ ଯୋଗୁ ବହୁଧା ବିଭକ୍ତ ଥିଲା । ଆମମାନଙ୍କ ମଧ୍ୟରେ ବିଭାଜନର ସୁଯୋଗ ନେଇ ବିଦେଶୀ ଆକ୍ରମଣକାରୀ ସ୍ୱଳ୍ପ ଶୃଙ୍ଖଳିତ ସେନା ବଳରେ ଆମକୁ ବାରମ୍ବାର ଆକ୍ରମଣ କରି ପରାଧୀନ କରିଛନ୍ତି । ଯଦିଓ ଭୌଗୋଳିକ ଦୃଷ୍ଟିରୁ ଆମ ଦେଶ ସୁରକ୍ଷିତ ଥିଲା କିନ୍ତୁ ଆଞ୍ଚଳିକ ଓ ସାମାଜିକ ଏକତାର ଅଭାବ ଉତ୍ତର ପଶ୍ଚିମ ସୀମା ଆଡୁ ବାହ୍ୟ ଶତ୍ରୁକୁ ଆମନ୍ତ୍ରଣ କରି ଆଣୁଥିଲା । ଗୁରୁ ନାନକ ଶିଖ୍ ଧର୍ମ ମାଧ୍ୟମରେ ସାମାଜିକ ସରସତା ଆଣି ପଞ୍ଜାବ ଅଞ୍ଚଳକୁ ଦେଶର ଢ଼ାଲ କରିବାରେ କିଛିଟା ସଫଳ ହୋଇଥିଲେ । ପରବର୍ତ୍ତୀ ସମୟରେ କିନ୍ତୁ ଚତୁର ବ୍ରିଟିଶ ଶାସକ ବିଭାଜନକୁ ଆହୁରି ପ୍ରଖର କଲେ । ଫଳରେ ଦେଶର ପ୍ରଥମ ବ୍ୟାପକ ସ୍ୱାଧୀନତା ସଂଗ୍ରାମ, 'ସିପାହୀ ବିଦ୍ରୋହ'ରୁ ଶିଖ୍ ଓ ଗୁର୍ଖା ଭଳି ଲଢୁଆ ଜାତି ନିଜକୁ ଅଲଗା ରଖି ବ୍ରିଟିଶର ସହାୟତା କଲେ । ଏହି ପୃଷ୍ଠଭୂମିରେ ମହାତ୍ମା ଗାନ୍ଧୀଙ୍କର ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଅଧିକାର ପାଇଁ ସଂଗ୍ରାମର ଅନୁଭୂତି ବେଶ୍ କାମ ଦେଲା । ଖାଣ୍ଟି ବୈଷ୍ଣବ ହିନ୍ଦୁ ହୋଇ ମଧ୍ୟ ଗାନ୍ଧିଜୀ ସମସ୍ତଙ୍କୁ ସାଙ୍ଗରେ ନେଇ ଭାରତୀୟଙ୍କ ଅଧିକାର ପାଇଁ ଲଢ଼ିବାର ସଂକଳ୍ପ ନେଲେ ଓ ସଫଳ ହେଲେ ।

୧୯୧୪ ମସିହାରେ ୪୫ବର୍ଷ ବୟସରେ ଗାନ୍ଧିଜୀ ସବୁଦିନ ପାଇଁ ଦକ୍ଷିଣ ଆଫ୍ରିକା ଛାଡ଼ି ଭାରତ ଆସିଲେ ଓ ଶୁଭାକାଂକ୍ଷୀ ବରିଷ୍ଠ ନେତା ପୂଜ୍ୟ ଗୋପାଳକୃଷ୍ଣ ଗୋଖଲେଙ୍କ ପ୍ରୋତ୍ସାହନ ତଥା ସହାୟତାରେ ସମଗ୍ର ଦେଶ ବୁଲି ଦେଶର ମୌଳିକ ସମସ୍ୟା ଜାଣିଲେ । ଚମ୍ପାରଣ ନୀଳ ଚାଷୀ ଆନ୍ଦୋଳନରେ ଗାନ୍ଧିଜୀ ମୁଖ୍ୟ ଭୂମିକା ନେଇଥିଲେ । ନିଶା ନିବାରଣ ଓ ଦଳିତ ମନ୍ଦିର ପ୍ରବେଶ ଭଳି ବହୁ ସମାଜ ସୁଧାର ଆନ୍ଦୋଳନ ସହ ତିନୋଟି ଥାକରେ ସ୍ୱାଧୀନତା ହାସଲ ପାଇଁ ସେ ତିନୋଟି ମୁଖ୍ୟ ଲଢ଼େଇ ଲଢ଼ିଥିଲେ । ୧୯୨୦-୨୨ର ଅସହଯୋଗ ଆନ୍ଦୋଳନ ୧୯୩୧-୩୨ର ଲବଣ ସତ୍ୟାଗ୍ରହ ଓ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ । ଭାରତ ଛାଡ଼ ଆନ୍ଦୋଳନରେ ଗାନ୍ଧିଜୀଙ୍କର 'କର ବା ମର' ଡାକରା ଜନମାନସକୁ ଦୋହଲାଇ ଦେଲା ଓ ସ୍ୱାଧୀନ ଭାରତ ହିଁ ଗାନ୍ଧିଜୀଙ୍କ ସାଲିସହୀନ ଲକ୍ଷ୍ୟ ବୋଲି ପ୍ରତିପାଦିତ କଲା । ଭାରତଛାଡ଼ ଆନ୍ଦୋଳନ ଫଳରେ କେତେକ ନ୍ୟସ୍ତସ୍ୱାର୍ଥ ସୁବିଧାଭୋଗୀଙ୍କୁ ଛାଡ଼ିଦେଲେ ଆକୁମାରୀ ହିମାଚଳ ଭାରତବାସୀ ସ୍ୱାଧୀନତା ପ୍ରବଣ ହୋଇପଡ଼ିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଇଂଲଣ୍ଡ ଦୁର୍ବଳ ହୋଇପଡ଼ିଲା ଓ ଅମାନିଆ ଉପନିବେଶକୁ ଜୋରଜବରଦସ୍ତ ଦଖଲରେ ରଖିବା ତା' ପକ୍ଷେ ଅଡୁଆ ହେଲା । ସେହି ସମୟରେ ପ୍ରତ୍ୟକ୍ଷ ଉପନିବେଶ ନଥିବା ଆମେରିକା ନିଜର ଅର୍ଥନୀତିର ସୁରକ୍ଷା ପାଇଁ ପରୋକ୍ଷ ଉପନିବେଶବାଦକୁ ଗଣତନ୍ତ୍ରର ଆଢୁଆଳରେ ସାରା ବିଶ୍ୱରେ ପ୍ରସାରିତ କଲା । ନାଜୀ ହିଟଲରର ପରାଜୟର ମୁଖ୍ୟ କାରଣ ସାମ୍ୟବାଦୀ ଋଷ ନିଜ ଅକ୍ତିଆରରେ ଥିବା ଦେଶମାନଙ୍କରେ ଏକଦଳୀୟ ସାମ୍ୟବାଦୀ ବ୍ୟବସ୍ଥା ପ୍ରଚଳନର ପ୍ରୟାସୀ ହେଲା । ପରବର୍ତ୍ତୀ ସମୟରେ ସାମ୍ୟବାଦୀ ନେତା ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଚୀନ, ନିଜ ଦେଶରେ ଏକଦଳୀୟ ବ୍ୟବସ୍ଥା ପ୍ରଚଳନ କଲା । ଇତିହାସର ଚକ୍ରରେ ରକ୍ତାକ୍ତ ହୋଇ ଭାରତ ଛାଡ଼ିବା ଅପେକ୍ଷା ଭଲରେ ଭାରତ ଛାଡ଼ିବାକୁ ବ୍ରିଟିଶ ସରକାର ଚାହିଁଲେ । ବ୍ରିଟିଶ ସରକାର ଭାରତକୁ ସ୍ୱାଧୀନ କରିବେ ବୋଲି ଘୋଷଣା କରିବା ପରେ ଡଃ ରାଜେନ୍ଦ୍ର ପ୍ରସାଦଙ୍କ ଅଧ୍ୟକ୍ଷତାରେ ଏକ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା ଓ ଡଃ ଭୀମରାଓ ଆମ୍ବେଦକରଙ୍କୁ ଡ୍ରାଫ୍ଟିଙ୍ଗ କମିଟିର ମୁଖ୍ୟ କରାଗଲା । ହତଭାଗା ପାକିସ୍ତାନବାସୀ ବିଭ୍ରାନ୍ତ ହୋଇ ବିଭାଜନ ଦାବି କରିନଥିଲେ ସେମାନେ ଏକ ସୁନ୍ଦର ସମ୍ବିଧାନର ଅଧିକାରୀ ହୋଇଥାନ୍ତେ ଓ ପରବର୍ତ୍ତୀ ସମୟରେ ବିଭାଜିତ ହୋଇ ନଥାନ୍ତେ ।

ସ୍ୱାଧୀନତା ଆନ୍ଦୋଳନର ମୂଲ୍ୟବୋଧ ଓ ଦେଶର ଏକତା ତଥା ଅଖଣ୍ଡତାକୁ ଆଧାର କରି ଆମ ସମ୍ବିଧାନ ୧୯୪୯ ନଭେମ୍ବର ୨୬ ତାରିଖରେ ସର୍ବସମ୍ମତିକ୍ରମେ ଗୃହୀତ ହେଲା ଓ ୧୯୫୦ ଜାନୁୟାରୀ ୨୬ଠାରୁ ଏହା ଲାଗୁହେଲା । ଘୋଷଣାନାମାରେ ରହିଲା- ଆମେ ଭାରତର ଲୋକେ ଦେଶକୁ ଏକ ସାର୍ବଭୌମ୍ୟ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଗଢ଼ି ସମସ୍ତ ନାଗରିକଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ଚିନ୍ତା, ଅଭିବ୍ୟକ୍ତି, ଆସ୍ଥା, ବିଶ୍ୱାସ ଓ ଉପାସନାର ସ୍ୱାତନ୍ତ୍ର୍ୟ, ପଦ ଓ ସୁଯୋଗରେ ସମତା, ବ୍ୟକ୍ତିକୁ ସମ୍ମାନ ସହ ଭାଇଚାରା ପ୍ରଦାନ ପୂର୍ବକ ସହ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବୁ । ସମାଜବାଦ ଓ ଧର୍ମନିରପେକ୍ଷତା ବିନା ଗଣତନ୍ତ୍ର ନିରର୍ଥକ ହୋଇଥିବାରୁ ସମ୍ବିଧାନ ପ୍ରଣେତାମାନେ ଶବ୍ଦ ସଂଖ୍ୟା ବଢ଼ାଇ ନଥିଲେ । ସମ୍ବିଧାନ ପ୍ରଣେତାର ଡଃ ଆମ୍ବେଦକର ନିଜେ ଆଲୋଚନା ବେଳେ କହିଲେ, 'ଭାରତରେ ନ୍ୟାୟ ସ୍ୱାଧୀନତା ଓ ସମତା' ଭିତ୍ତିକ ନୂଆ ସମାଜ ଗଢ଼ିବା ସମ୍ବିଧାନର ଲକ୍ଷ୍ୟ ।

'ସମାଜବାଦ' ଶବ୍ଦକୁ ନିର୍ଦ୍ଦିଷ୍ଟ ଭାବେ ସମ୍ବିଧାନରେ ରଖିବାକୁ ମହାବୀର ତ୍ୟାଗୀ, ପ୍ରଫେସର କେ.ଟି ଶାହ ପ୍ରମୁଖଙ୍କ ସଂଶୋଧନକୁ ଅନାବଶ୍ୟକ ବୋଲି କହି ଡଃ ଆମ୍ବେଦକର କହିଲେ ଯେ ସମ୍ବିଧାନରେ ଥିବା ସାମାଜିକ ଓ ଆର୍ଥିକ ନ୍ୟାୟ ବ୍ୟବସ୍ଥା ଓ ମୌଳିକ ଅଧିକାର ହିଁ ସମାଜବାଦର ମର୍ମ ଓ ଆତ୍ମା । ସମ୍ବିଧାନ ଲାଗୁହେବାରେ ୨୫ବର୍ଷ ପରେ ୧୯୭୫ ମସିହାରେ ବିରୋଧୀ ମତକୁ ଚୁପ୍ କରାଇବା ପାଇଁ ଦେଶରେ ଆଭ୍ୟନ୍ତରୀଣ ଜରୁରୀସ୍ଥିତି (ଜୁନ୍ ୨୫ ତାରିଖ ମଧ୍ୟରାତ୍ରୀରେ) ଜାରି ହେଲା । ବିଭିନ୍ନ ବିଦେଶୀ ରାଷ୍ଟ୍ରଙ୍କ ସମର୍ଥନ ପାଇବା ଓ ନିଜ ଦେଶବାସୀଙ୍କ ବିରୋଧକୁ ଦୁର୍ବଳ କରିବା ପାଇଁ ବହୁ ଦିନରୁ ବାଞ୍ଛିତ 'ସମାଜବାଦ ଓ ଧର୍ମନିରପେକ୍ଷ' ଶବ୍ଦ ନିର୍ଦ୍ଦିଷ୍ଟ ଭାବେ 'ଗଣତନ୍ତ୍ର' ସହ ଘୋଷଣାନାମାରେ ଯୋଗ ହେଲା । ୧୯୭୭ ମସିହାରେ ଭାରତର ଜନଗଣ ଜରୁରୀସ୍ଥିତି ବିରୁଦ୍ଧରେ ଭୋଟ ଦେଇ ସମ୍ବିଧାନରେ ଲୋକାଭିମୁଖୀ ସଂଶୋଧନ ଆଣିଲେ । କିନ୍ତୁ ସମାଜବାଦ ଓ ଧର୍ମନିରପେକ୍ଷ ବ୍ୟବସ୍ଥା ଗଣତନ୍ତ୍ର ଓ ଦେଶର ଏକତା ତଥା ଅଖଣ୍ଡତା ଦୃଷ୍ଟିରୁ ଅପରିହାର୍ଯ୍ୟ ହୋଇଥିବାରୁ ସେ ଶବ୍ଦ ଦୁଇଟି ସର୍ବସମ୍ମତି କ୍ରମେ ସବୁଦିନ ପାଇଁ ସମ୍ବିଧାନରେ ସ୍ଥାନିତ ହେଲା । ସମ୍ବିଧାନର ପ୍ରଥମ ଧାରା କହିଲା- 'ଇଣ୍ଡିଆ ଯାହା ଭାରତ ରାଜ୍ୟମାନଙ୍କର ଏକୀଭୂତ ସମୂହ' । ଏହାର ସ୍ପଷ୍ଟ ଅର୍ଥ ହେଲା, ଆମ ଦେଶ ବିଭାଜିତ ହୋଇନାହିଁ । ଦେଶର କିଛି ଅଞ୍ଚଳ ପାକିସ୍ତାନ ନାମରେ ଅଲଗା ହୋଇଯାଇଛି ମାତ୍ର କିଏ କହିବ ଅବୁଝା ମନ ବୁଝିଲେ ବର୍ଲିନ ପାଚେରୀ ଭାଙ୍ଗି ଗୋଟିଏ ଦେଶ ହେଲା ଭଳି ଆଗାମୀ ଦିନରେ ଏକ ବିକେନ୍ଦ୍ରିତ ଅଖଣ୍ଡ ଭାରତ ନହେବ ବୋଲି । ଜାତିର ଜନକ ଗ୍ରାମସ୍ୱରାଜ୍ୟ ଓ ଅଖଣ୍ଡ ଭାରତ ଚାହୁଁଥିଲେ ଓ ସେଥିପାଇଁ ଲଢ଼ିଥିଲେ । ସମ୍ବିଧାନ ପ୍ରଥମ ଧାରା କହିଲା ସ୍ୱାଧୀନ ଭାରତରେ ଇଣ୍ଡିଆ (ଶିକ୍ଷିତ ଧନୀ) ଓ ଭାରତ (ସାଧାରଣ ଭାରତୀୟ) ଏକାକାର ହେବେ । ସେହିପରି ଭାରତ ଏକକ ନହୋଇ ରାଜ୍ୟମାନଙ୍କର ଐକ୍ୟବଦ୍ଧ ସମାହାର ବୋଲି ମଧ୍ୟ ସମ୍ବିଧାନ କହିଲା । ଏହାର ଅର୍ଥ ହେଲା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପାତର-ଅନ୍ତର ରହିବ ନାହିଁ ।

ନିଜେ ଜାତିର ଜନକ ମହାତ୍ମା ଗାନ୍ଧୀ ୧୯୩୯ ମସିହା ଅକ୍ଟୋବର ୯ ସଂଖ୍ୟା ହରିଜନରେ ଲେଖିଛନ୍ତି, "ପ୍ରକୃତ ଅର୍ଥନୀତି ଉଚ୍ଚ ନୈତିକତା ବିରୋଧୀ ନୁହେଁ, ଯେପରି ଉଚ୍ଚ ନୈତିକତା ହିଁ ଉତ୍ତମ ଅର୍ଥନୀତି । ଯେଉଁ ଅର୍ଥନୀତି ଧନ କୁବେର ତିଆରି କରେ ଓ ଦୁର୍ବଳଙ୍କୁ ଲୁଟି ଧନ କୁଢ଼େଇବାରେ ସବଳକୁ ସାହାଯ୍ୟ କରେ ତାହା ଭୁଲ୍ ଓ ଅବୈଜ୍ଞାନିକ ଅର୍ଥନୀତି । ଏହା ସମାଜର ମୃତ୍ୟୁ ଆଣେ । ଭଲ ଅର୍ଥନୀତି ସାମାଜିକ ନ୍ୟାୟ ଦିଏ ଓ ଦୁର୍ବଳଙ୍କ ସମେତ ସମସ୍ତଙ୍କ କଲ୍ୟାଣ କରେ ଯାହା ସଭ୍ୟ ସମାଜ ଜୀବନ ପାଇଁ ଅପରିହାର୍ଯ୍ୟ ।"

ସୁପ୍ରିମକୋର୍ଟର ପ୍ରଖ୍ୟାତ ବିଚାରପତି ଜଷ୍ଟିସ୍ ପି.ବି ସାୱନ୍ତ 'ଭାରତ ସମ୍ବିଧାନରେ ସମାଜବାଦ' ପୁସ୍ତକରେ ଲେଖିଛନ୍ତି- ସମାଜର ସମସ୍ତ ସମ୍ପତ୍ତି ରାଜ୍ୟର ଓ ଏହା ସମାଜର ସବୁରି ହିତରେ ହିଁ ବିନିଯୋଗ ହେବ । ସମସ୍ତଙ୍କ ଅଧିକାର ଏହି ସମ୍ପତ୍ତି ଉପରେ ରହିବ । ମୁଷ୍ଟିମେୟଙ୍କ ଫାଇଦାରେ ଏହା ଲାଗିବ ନାହିଁ । ମାନବିକ ଅଧିକାର ଅର୍ଥ ସବୁ ଅଧିକାର-ଆର୍ଥିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅଧିକାର । ଗୋଟିଏ ସମାଜବାଦୀ ସମାଜରେ ସବୁ ଅସମାନତା ଉଭେଇଯିବ ଓ କେହି ଅନ୍ୟ ଉପରେ ହାକିମତି କଲାଭଳି ଆର୍ଥିକ ଶକ୍ତି ହାସଲ କରିପାରିବେ ନାହିଁ । କେବଳ ସେହିଭଳି ସମାଜବାଦୀ ସମାଜ-ମାନବିକ ମର୍ଯ୍ୟାଦା, ସାମାଜିକ ସ୍ଥିରତା, ଶାନ୍ତି ଓ ବିକାଶ ପାଇଁ ଗ୍ୟାରେଣ୍ଟି ହୋଇପାରିବ ।

ଆଜି ସମ୍ବିଧାନ ଲାଗୁ ହେବାର ୬୮ ବର୍ଷ ପରେ ମଧ୍ୟ ଦେଶର ନବେ ଭାଗ ଲୋକ ସମ୍ବିଧାନ ପ୍ରଦତ୍ତ ଗୋଟିଏ ବି ଅଧିକାର ପାଇନାହାନ୍ତି । ସାବାଳକ ଭୋଟ ଅଧିକାରକୁ ରାଜନୈତିକ ଅଧିକାର ଦାବି କରିବା ଆଜି ହାସ୍ୟାସ୍ପଦ । କାରଣ ତାହା ମୁକ୍ତ ନୁହେଁ; ଅର୍ଥ, ଜାତିଆଣ ଭାବ ଓ ପ୍ରଚାରତନ୍ତ୍ର ଦ୍ୱାରା ପ୍ରଭାବିତ । ୧୯୭୪-୭୫ ମସିହାରେ ଲୋକନାୟକ ଜୟପ୍ରକାଶ ଖର୍ଚ୍ଚବହୁଳ ନିର୍ବାଚନକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ଡାକରା ଦେଇଥିଲେ ଓ ଭାରତଛାଡ଼ ଆନ୍ଦୋଳନର ଏହି ମହାନାୟକ ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ରକ୍ଷା କରିବାକୁ ଯାଇ କାରାକଷଣ ଭୋଗିଥିଲେ । ଜୟପ୍ରକାଶ କହିଥିଲେ-ରାଜନୈତିକ ଭ୍ରଷ୍ଟାଚାର ଅନ୍ୟସବୁ ଭ୍ରଷ୍ଟାଚାରର ଜନନୀ ଓ ଖର୍ଚ୍ଚ ବହୁଳ ନିର୍ବାଚନ ରାଜନୈତିକ ଭ୍ରଷ୍ଟାଚାରକୁ ଜନ୍ମ ଦିଏ । ସେ ସମୟରୁ ପ୍ରମାଣିତ ହୋଇଛି ଯେ ଭାରତବାସୀ ସଚେତନ ଓ ଐକ୍ୟବଦ୍ଧ ହୋଇ ସକ୍ରିୟତା ନଦେଖାଇଲେ ଦେଶର ସ୍ୱାଧୀନତା, ସମ୍ବିଧାନ ଓ ଏକତା-ଅଖଣ୍ଡତା ବିପନ୍ନ । ୧୯୭୭ ଭଳି ଏକତା ଓ ସଂକଳ୍ପ ଦେଖାଇ ସମ୍ବିଧାନର ସୁରକ୍ଷା କଲେ ହିଁ ଯାଇ ଭାରତବାସୀ ଗଣତନ୍ତ୍ରକୁ ରକ୍ଷା କରିପାରିବେ ଓ ନବ୍ୟ ଉପନିବେଶବାଦର ଶୋଷଣରୁ ବଞ୍ଚିପାରିବେ । ଆମର ବିଶ୍ୱାସ ଦେଶ ଓ ସମ୍ବିଧାନର ଅନ୍ତିମ ବିଜୟ ସୁନିଶ୍ଚିତ ।

# ଓଡିଶା ଇତିହାସରେ ପାଇକ ବିଦ୍ରୋହ (୨)

ସ୍ଥାନୀୟ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ଥିଲା ପ୍ରାୟ ୨୦,୦୦୦ । ବ୍ରିଟିଶ ସରକାରଙ୍କ ଦୂରଦୃଷ୍ଟି ବିହୀନ ନୀତିଯୋଗୁଁ ସେମାନଙ୍କୁ ଦୁର୍ଦ୍ଦଶା ଭୋଗ କରିବାକୁ ପଡିଥିଲା। ଦେଶୀୟ ହିନ୍ଦୁ, ସେନାପତି, ମୁସଲମାନ ଏବଂ ମରାଠାମାନଙ୍କ ଶାସନ କାଳରେ ପାଇକମାନେ କର ମୁକ୍ତ ଜମି "ପାଇକ ଜାଗିରି " ଉପଭୋଗ କରି ଆସୁଥିଲେ। ଅତୀତରେ ଏହି ପରମ୍ପରା ସମ୍ପର୍କରେ ଆଦୌ ସଠିକ ଭାବେ ଅଧ୍ୟୟନ ନ କରି ମେଜର ଫ୍ଲେଚର " ପାଇକ ଜାଗିରି " ରଦ୍ଦ କରିଦେଲେ ଏବଂ ସାଧାରଣ ଜମିର ନିୟମିତ ଭୂରାଜସ୍ୱ ଯେପରି ନିର୍ଦ୍ଧାରଣ ହୁଏ ସେହି ହାରରେ ଏହି କର ମୁକ୍ତ ଜମିକୁ ମୂଲ୍ୟଧାର୍ଯ୍ୟ କରି ପାଇକମାନ କ୍ଷେତ୍ରରେ ସେହି ହାରରେ ଭୂରାଜସ୍ୱ ଲାଗୁ କଲେ ।

ପାଇକମାନଙ୍କ ପାରମ୍ପାରିକ ଅଧିକାର ଓ ସ୍ୱତନ୍ତ୍ର ସୁବିଧାସୁଯୋଗ ଉପରେ ଏହା ହସ୍ତକ୍ଷେପ ବୋଲି ପାଇକମାନେ ବିଚାର କଲେ କଟାଘା ରେ ଚୂନ ପ୍ରଲେପ ଦେଲା ଭଳି ପାଇକମାନଙ୍କୁ ସରକାରଙ୍କ ଅଧିନରେ ରହିବାକୁ ଫ୍ଲେଚର ନିର୍ଦ୍ଦେଶ ଦେଲେ ଏବଂ ଭୂରାଜସ୍ୱ ପ୍ରଦାନ କରିବାରେ ପାଇକମାନଙ୍କ ଆର୍ଥିକ କ୍ଷମତା ଅଛି କି ନାହିଁ ତାଙ୍କୁ ବିଚାରକୁ ନ ଦେଇ ସଭାରକରମାନେ ଅତ୍ୟୟ ନିର୍ଦ୍ଦୟ ଭାବେ ପାଇକମାନଙ୍କ ଉପରେ ଅକଥନୀୟ ନିର୍ଯ୍ୟାତନା ଓ ଅତ୍ୟାଚାର ଚଳେଇଲେ । ବକ୍ସି ଜଗବନ୍ଧୁଙ୍କ ପ୍ରତି ଅନ୍ୟାୟ ଆଚରଣ ଜଗବନ୍ଧୁଙ୍କୁ ତାଙ୍କ ଜାଗିରୀ ଓ ସମ୍ପତ୍ତିରୁ ମୂଳୋତ୍ପାଟନ କରି ଯେଉଁ ଅନ୍ୟାୟ ପ୍ରଦର୍ଶନ କରାଗଲା ତାହା ତତକ୍ଷଣାତ ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହ ସଂଗଠନ କରିବାରେ ବୀଜବପନ କରାଇଲା । ଜଗବନ୍ଧୁ ବିଦ୍ୟାଧର ଜଣେ ବକ୍ସିଥିଲେ ।ବକ୍ସିର ଅର୍ଥ ହେଉଛି ଖୋର୍ଦ୍ଧା ରାଜାଙ୍କ ସୈନ୍ୟବାହିନୀର ସେଥିଲେ ସେନାଧକ୍ଷ । ରାଜ ପଦବୀ ପରେ ସେନାଧକ୍ଷଙ୍କ ସ୍ଥାନ ଥିଲା । ୨ୟ ସର୍ବୋଚ୍ଚ ପଦବୀ ଓ ମର୍ଯ୍ୟାଦା । ବକ୍ସିଙ୍କର ଭରଣାପୋଷଣ ପାଇଁ ରାଜା , ବକ୍ସିଙ୍କୁ ବିପୁଳ ଜମି ଉପରେ ଜାଗିର ଅଧିକାର ଦେଇଥିଲେ , ଯାହାକୁ ବକ୍ସି ଜାଗିରୀ ବୋଲି କୁହାଯାଉଥିଲା । ଅତି କମ କର ଦେଇ ପୁରୀ ନିକଟରେ ରୋଡଙ୍ଗ କିଲାଭଳି ଅମୂଲ୍ୟ ସଂପଦ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ବକ୍ସିଙ୍କୁ ପ୍ରଦାନ କରାଯାଇଥିବା । ଏହି କିଲାର ଅମାପ ସମ୍ପତିର ମାଲିକ ହୋଇ ବକ୍ସି ପରିବାର ପୁରୁଷ ପୁରୁଷ ଧରି ଧାନ୍ୟାଢ୍ୟ ଜୀବନ ଜାପାନ କରୁଥିଲେ । ରାଜସ୍ୱ ବିଭାଗରେ ଥିବା ଖୋର୍ଦ୍ଧା ବାହାରର ଅମଲାମାନେ ରୋଡଙ୍ଗ କିଲାର ଅଚଳାଚଳ ସମ୍ପତ୍ତି ଉପରେ ଲୋଲୁପ ଦୃଷ୍ଟି ପକାଇବା ଆରମ୍ଭ କଲେ ଏବଂ ବକ୍ସି ଜଗବନ୍ଧୁଙ୍କୁ ଏହି ପୁରୁଷାନୁକ୍ରମେ ଭୋଗ ଦାଖଲରୁ ବଞ୍ଚିତ କରିବାର ଷଡଯନ୍ତ୍ର ପ୍ରସ୍ତୁତ କଲେ । କୃଷ୍ଣଚନ୍ଦ୍ର ସିଂ ନାମ ଜଣେ ବଙ୍ଗାଳୀ ଅମଲା ଥିଲେ ଏହାର ପ୍ରମୁଖ ଷଡଯନ୍ତ୍ରକାରୀ । କଟକର ତତ୍କାଳୀନ ପ୍ରଥମ କଲେକ୍ଟର , ଚାର୍ଲେସ ଗ୍ରୋମଙ୍କ ଅଧୀନରେ କୃଷ୍ଣଚନ୍ଦ୍ର ସିଂ ଦେବାନ ରୂପେ କାର୍ଯ୍ୟ କରୁଥିଲେ । ସେ ଅତ୍ୟନ୍ତ ଧୂର୍ତ୍ତ ଥିଲେ ଏବଂ କୌଣସି କାରଣ ପାଇଁ ୧୮୦୫-୦୬ ମସିହାରୁ ଚାକିରିରୁ ଇସ୍ତଫା ଦେଲେ । ଯାହା ଜନାଜାଏ କିଛି ଜମିଦାରୀ ନିଜ ଦଖଲରୁ ନେବା ପାଇଁ ଇସ୍ତଫା ଦେଇଥିଲେ ଏବଂ ଏହି ଲକ୍ଷ୍ୟରେ ଚାକିରି ଛାଡିବା ପରେ କଲିକତା ନ ଫେରି କଟକରେ ରହିଲେ । ଚାକିରି ଥିବା ସମୟରେ ରାହାଙ୍ଗ ପ୍ରଗଣା ସମେତ କେତେକ ମୂଲ୍ୟବାନ ଭୂସମ୍ପତିକୁ ଜାଲିଆତି କାରୀ ନିଜ ନାଁରେ



କରାଇନେବାରେ ସକ୍ଷମ ହୋଇଥିଲେ । ଏହା ପରେ ପରତେ ତାଙ୍କର ଲୋଲୁପଦୃଷ୍ଟି ରୋଡଙ୍ଗ କିଲା ଉପରେ ପଡିଲା କାରଣ ଏହା ବିପୁଳ ମୂଲ୍ୟର ସମ୍ପତି ହୋଇଥିଲେ ବି ବକ୍ସି ଏହାକୁ କମ ମୂଲ୍ୟର ଭୋଗ ଦଖଲ କରୁଥିଲେ । ଏଥି ସହିତ ରୋଡଙ୍ଗ କିଲା ଉଲ୍ଲାକା ରାହାଙ୍ଗ ପ୍ରଗଣାକୁ ଲାଗିଥିବାରୁ ଏବଂ ଏହାପୁରୀର ନିକଟରୁ ହୋଇଥିବାରୁ , କୃଷ୍ଣଚନ୍ଦ୍ର ସିଂ ଏକ ଚକଡି ସମ୍ପତିର ମାଲିକ ହେବା ପାଇଁ ମନସ୍ଥ କଲେ ଏବଂ ସେଥିପାଇଁ ଚତୁର ଯୋଜନା ପ୍ରସ୍ତୁତ କଲେ । ତାଙ୍କର ଦୁଇଜଣ ସମ୍ପର୍କୀୟ ତାଙ୍କୁ ଏ ଦିଗରେ ସହାୟତା ଯୋଗାଇଲେ । ଏ ଦୁଇଜଣଙ୍କ ମଧ୍ୟରେ ଜଣେ ହେଲେ ତାଙ୍କର ନିଜ ଭାଇ ଗୋଲଲୁର ସିଂ । ସତୀଶ ହଜାରୀ ମାହାଲର କେତେକ ଅଞ୍ଚଳ ରାହାଙ୍ଗ ପ୍ରଗଣା ଅନ୍ତର୍ଭୁକ୍ତ ଥିଲା । ତହସିଲଦାର ଭାବେ ସେଠାରେ ସେ ଦାୟିତ୍ୱରେ ଥିଲେ । ଅନ୍ୟ ଜଣେ ସମ୍ପର୍କୀୟ ହେଲେ ଚନ୍ଦ୍ର ପ୍ରସାଦ ସିଂ । ବକ୍ସି ଜଗବନ୍ଧୁ କଟକରେ ଅବସ୍ଥିତ କଲେକ୍ଟରଏନକେ ଟ୍ରେଜେରୀର ରୋଡଙ୍ଗ କିଲା ପାଇଁ ଧାର୍ଯ୍ୟ ରାଜସ୍ୱ ପ୍ରତିବର୍ଷ ଦେଇ ଆସୁଥିଲେ । ଯାହା ଅନୁମାନ କରାଯାଉଛି କୃଷ୍ଣଚନ୍ଦ୍ର ସିଂ ବକ୍ସିଙ୍କୁ ପରାମର୍ଶ ଦେଲେ ଯେ କଟକ ଅପେକ୍ଷା ପୁରୀ ନିକଟ ହୋଇଥିବାରୁ ଏଣିକି ରୋଡଙ୍ଗ ବାବଦ ରାଜସ୍ୱ କଟକ ଟ୍ରେଜେରୀରେ ଜମା ନକରି , ପୁରୀ ତାହାସିଲଦାରଙ୍କ ନିକଟରେ ଜମା କରିବା ବକ୍ସିଙ୍କ ପାଇଁ ସହଜ ଓ ସୁବିଧାଜଣକ ହେବ । ତହସିଲଦାର ଗୌରହରି ସିଂ ରୋଡଙ୍ଗ ବାବଦ ରାଜସ୍ୱ ଫିଙ୍କୁ ପୃଥକ ଭାବେ ଜମା ଖାତାରେ ନ ଦେଖାଇ ତାଙ୍କୁ " ରାହାଙ୍ଗ ଓଗେର ଇଲାକାରୁ ସଂଗୃହିତ ରାଜସ୍ୱ ବୋଲି ଉଲ୍ଲେଖ କଲେ ଏବଂ ଏହା ଜରିଆରେ କ୍ଷତିଆନାରେ ରୋଡଙ୍ଗ ରାଜସ୍ୱ ଇଲାକା ଏବଂ ଏହା ଜରିଆରେ କ୍ଷତିଆନାରେ ରୋଡଙ୍ଗ ରାଜସ୍ୱ ଇଲାକା ରାହାଙ୍ଗ ଇକାଲାର ଏକ ଅଂସ ଭାବେ ଖାତାରେ ଦେଖାଗଲା । ବକ୍ସି ଜଗବନ୍ଧୁ ପୁରୀରେ ରାଜସ୍ୱ ଜମା କାରୀ କୃଷ୍ଣଚନ୍ଦ୍ର ସିଂହଙ୍କ ନିର୍ଦ୍ଧାରିତ ଷଡଯନ୍ତ୍ରର ଶିକାର ହେଲେ । ବକ୍ସି ଜଗବନ୍ଧୁଙ୍କୁ ସର୍ବନାଶ ସାଧନ କରିବା ପାଇଁ ଷଡଯନ୍ତ୍ର ପ୍ରକ୍ରିୟା ପ୍ରଥମ ପାହାଚରେ କୃଷ୍ଣଚନ୍ଦ୍ର ସିଂ ସଫଳ ହେଲେ । ଅବଶ୍ୟ ପରେ ପରେ ବକ୍ସି ଅସଲ ସର୍ବନାଶ ବିପଦରେ କବଳିତ ହେଲେ । ରାହାଙ୍ଗ ଓଗେର ଇଲାକାରେ ରାହାଙ୍ଗ ପ୍ରଗଣା ଦର୍ଶାଯାଇ ୧୮୦୯ ମସିହାରେ ବିକ୍ରି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା ଏବଂ କୃଷ୍ଣ ଚନ୍ଦ୍ର ସିଂ ଏହାକୁ କିଣି ନେଲେ । ରୋଡଙ୍ଗ ପ୍ରଗଣାକୁ ରାହାଙ୍ଗ ଓଗେର ଇଲାକାରେ ଅବଲୁପ୍ତ କରିବା ଏବଂ ପରେ ଏହାକୁ ଖରିଦ କରି ନେଲା ପରେ ଅତ୍ୟନ୍ତ ଚତୁର ଭାବେ ରୋଡଙ୍ଗ ଜମିଦାରୀ ତାଙ୍କର ଦାଖଲରେ ଅଛି ବୋଲି ଦାବି ଉଠାଇଲେ । ଏହା ପରେ କୃଷ୍ଣଚନ୍ଦ୍ର ସିଂଙ୍କ ଗୁମାସ୍ତା ଚାକର ନୌକରମାନେ ରୋଡଙ୍ଗ ଇଲାକାର ଦାଖଲ ନେବା ପାଇଁ ଉଦ୍ୟମ ନେବାକ୍ଷଣି , ବକ୍ସି ଜଗବନ୍ଧୁ ଯିଏ ଏ ସମସ୍ତ ବିଷୟ ସମ୍ପର୍କରେ ପୂର୍ବରୁ ଆଦୌ ଅବଗତ ନ ଥିଲେ ସ୍ୱାଭାବିକ ଭାବେ ଏ ଅନ୍ୟାୟ ଦଖଲ ଉଦ୍ୟମ ଉପରେ ଆଶ୍ଚର୍ଯ୍ୟ ହେଲେ ଏବଂ ଭୀଷଣ ଭାବେ ପ୍ରତିରୋଧ କଲେ । ପରିଣାମ ସ୍ୱରୂପ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ ହେଲା । ଉଭୟ ପକ୍ଷ ତତକାଳୀନ ବନ୍ଦୋବସ୍ତ କମିଶନଙ୍କ ପାଖକୁ ଆପତ୍ତି ଅଭିଯୋଗ ପଠାଇଲେ । ବିନା ଫଇସଲାରେ କିଛି ମାସ ଧରି ମାମଲାଟି ପଡିରହିଲା । ବକ୍ସି ଜଗବନ୍ଧୁ ରୋଡଙ୍ଗ ଜମିଦାରୀ ଉପରେ ନିଜର କର୍ତ୍ତୃତ୍ୱ ବଜାଇ ରଖିଲା । କୃଷ୍ଣଚନ୍ଦ୍ର ସିଂ ଯେତେବେଳେ ଦେଖିଯେ ରୋଡଙ୍ଗ କିଲା ଉପରେ ନିଜର ଦଖଲ ଓ କର୍ତ୍ତୃତ୍ୱ ଜାରୀ କରିବା ସଂପୂର୍ଣ୍ଣ ଅସମ୍ଭବ ହୋଇ ପଡିଛି, ସେ ପୁନର୍ବାର ଏ ଦିଗରେ ପ୍ରୟାସ ଆରମ୍ଭ କଲେ । ୧୮୧୩ ମସିହାରେ କୃଷ୍ଣ ଚନ୍ଦ୍ର ସିଂ ରୋଡଙ୍ଗ ଜିଲ୍ଲାକୁ ପୁନର୍ବାର ଲିଜ ଆକାରରେ କିଣି ନେଲ ଏବଂ ରୋଡଙ୍ଗ ଜମିଦାରୀ ଇଲାକାର ପ୍ରଶାସନିକ କାର୍ଯ୍ୟ ତୁଲାଇବା ପାଇଁ ନିଜର ଚାକରମାନଙ୍କ ସହ ଚନ୍ଦ୍ରପ୍ରସାଦ ସିଂ କୁ ମୁଖ୍ୟ ଭାବେ ପଠାଗଲା । ଏଭଳି ଘଟଣାରେ ହିତୋତ୍ସାହିତ ହୋଇ ତତକାଳୀନ ବନ୍ଦୋବସ୍ତ କମିଶନର ରିଚାର୍ଡ ସେନଙ୍କୁ ପ୍ରଦାନ କରିଥିବା ପିଟିସନରେ ଉଲ୍ଲେଖ କରିଥିଲେ ଯେ ବର୍ଷ ବର୍ଷ ଧରି ପୁରୁଷାନୁକ୍ରମେ ରୋଡଙ୍ଗ କିଲା ଉପରେ କେବଳ ତାଙ୍କର ଅଧିକାରୀ ରହିଛି । ବକ୍ସି ଆବେଦନ ଉପରେ ଅନୁସନ୍ଧାନ କରାଗଲା ଏବଂ ଅନୁସନ୍ଧାନ ପ୍ରମାଣିତ ହେଲା ଯେ ରୋଡଙ୍ଗ କିଲା ଉପରେ କୃଷ୍ଣ ଚନ୍ଦ୍ର ସିଂ ଉଠାଇଥିବା ଭୋଗ ଦଖଲ ଦାବି ପଛରେ କୌଣସି ସତ୍ୟତା ନାହିଁ ବରଂ ଏହା ସଂପୂର୍ଣ୍ଣ ଧପାବାଦ । ଏ ସମ୍ପର୍କରେ କଟକ ଜିଲ୍ଲାପାଳ ଟ୍ରୋୟେର ଅଧିକ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ ରାହାଙ୍ଗ ପ୍ରଗଣାରେ ରୋଡଙ୍ଗ ଜମିଦାରୀ ଅନ୍ତର୍ଭୁକ୍ତ ବୋଲି କୌଣସି ଗୋଟିଏ ହେଲେ ଅଫିସ ପ୍ରମାଣ ନାହିଁ । ଟ୍ରୋୱେର ଏପରି ରିପୋର୍ଟ ସତ୍ତ୍ୱେ , ରେଭିନ୍ୟୁ ବୋର୍ଡ ବିପରୀତ ନିଷ୍ପତି ଦେଲା । ରୋଡଙ୍ଗ ଜମିଦାର ଉପରେ ବକ୍ସି ଜଗବନ୍ଧୁଙ୍କ ଅଧିକାର ସତ୍ତ୍ୱଉପରେ , ଉପରେ ପ୍ରଶ୍ନ କରି କୃଷ୍ଣଚନ୍ଦ୍ର ସିଂ ପିଟିସନ ଦାଖଲ କରିଥିବା ଦୃଷ୍ଟିରୁ ୧୮୧୪ ମସିହା ମାର୍ଚ୍ଚ ମାସରେ ରେଭିନ୍ୟୁ ବୋର୍ଡ ଜଗବନ୍ଧୁଙ୍କ ଅଧିକାରୀ ସତ୍ତ୍ୱକୁ ସ୍ୱୀକାର ନ କରିବା ପାଇଁ ବନ୍ଦୋବସ୍ତ କମିଶନର ରିଚାର୍ଡ ସେନଙ୍କୁ ନିର୍ଦ୍ଦେଶ ଦେଲା । ପରବର୍ତ୍ତୀ ସମୟରେ ଜୁନ ୧୮୧୪ ରେ ସରକାର ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରି କୁହାଗଲା ଯେ ସମ୍ପତ୍ତି ସତ୍ତ୍ୱ ଉପରେ , ତାଙ୍କର ଅଧିକାର ସମ୍ପର୍କରେ ରାଜସ୍ୱ କର୍ତ୍ତୃପକ୍ଷ ଙ୍କୁ ଯେ ପର୍ଯ୍ୟନ୍ତ ସେ ସନ୍ତୁଷ୍ଟ କରାଇ ନାହାନ୍ତି , କମିଶନର ତାଙ୍କର ଦାବିକୁ ସ୍ୱୀକାର କରି ପାରିବେ ନାହିଁ । ଅଦାଲତରେ ତାଙ୍କୁ ଏହା ପ୍ରମାଣ କରିବାକୁ ହେବ । ଏହିପରି ଭାବରେ ରୋଡଙ୍ଗ କିଲ୍ଲା ଉପର ବକ୍ସି ଜଗବନ୍ଧୁ ପୁରୁଷାନୁକ୍ରମିକ ଭାବେ ଯେଉଁ ସରକାରଙ୍କ ଦ୍ୱାରା ପ୍ରତ୍ୟାକ୍ଷାତ ହେଲା । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ତତକାଳୀନ କଲେକ୍ଟର ଟ୍ରୋୟେର ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ତାଙ୍କୁ ବ୍ରିଟିଶ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଭାବେ ଆଗ୍ରାହ୍ୟ କରିଦେଲେ । ଇତି ମଧ୍ୟରେ ଯେତେବେଳେ ବକ୍ସି ଜଗବନ୍ଧୁ ସରକାରଙ୍କୁ ଏହି ନିର୍ଦ୍ଦେଶନାମା ଜାଣିବାକୁ ପାଇଲେ , ସେ ସଂପୂର୍ଣ୍ଣ ଭାବେ ହିତୋତ୍ସାହିତ ହୋଇ ପଡିଲେ । ଏଭଳି ପରିସ୍ଥିତିରେ ଯାହା ଘଟିବା କଥା ତାହା ହିଁ ଘଟିଲା । ବକ୍ସିଙ୍କ ପ୍ରତିକ୍ରିୟା ଯଥାର୍ଥ ଭାବେ ସ୍ୱାଭାବିକ ବୋଲି ଟ୍ରୋୟେର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ , ପରିସ୍ଥିତି ଯାହା ହେଉନା କାହିଁକି , ଯେତେବେଳେ ଜଣେ ମଣିଷ ଠାରୁ ତାର ଅନିଚ୍ଛା ସତ୍ତ୍ୱେ ସମ୍ପତ୍ତି ଛଡାଇ ନିଆଯାଏ ,ସେ ଭୀଷଣ ଭାବେ ଖୁବ୍ଧ ହୁଏ । ବକ୍ସି ଜଗବନ୍ଧୁ କ୍ଷେତ୍ରରେ , ଏହି କ୍ଷୁବ୍ଧତା ମାତ୍ରାଧିକ ହେବାର କାରଣ ହେଉଛି , ଖୋର୍ଦ୍ଧା ରାଜାଙ୍କ ପରେ ପଦବୀ ସମ୍ମାନ ଓ ମର୍ଯ୍ୟାଦା ଦୃଷ୍ଟିରୁ ବକ୍ସି ଥିଲେ ଦ୍ୱିତୀୟ ସମ୍ମାନିତ ବ୍ୟକ୍ତି । ବକ୍ସି ଜଗବନ୍ଧୁ ନିଜର ଜମିଦାରୀ ହରାଇବା ପରେ ବହୁ କଷ୍ଟରେ କିଛି ବର୍ଷ ଧରି ଖୋର୍ଦ୍ଧାବାସୀଙ୍କ ଆର୍ଥିକ ସହାୟତାରେ ନିଜ ପାରିବାର ଭରଣାପୋଷଣ କଷ୍ଟରେ ଚଳାଇଲେ । ନିଜର ଆର୍ଥିକ ଦୂରସ୍ଥିତି ସମ୍ପର୍କରେ ସେ ଅତ୍ୟନ୍ତ ଦୁଃଖ ପୂର୍ଣ୍ଣ ଭାଷାରେ ଉଲ୍ଲେଖ କରିଛନ୍ତି। ଜମିଦାରୀ ହରାଇବା ପରେ ସେ ଭିକାରି ପାଲଟି ଯାଇଥିଲେ ଏବଂ ନିଜର ଭରଣାପୋଷଣ ପାଇଁ କିଛି ଜମିଦାରଙ୍କ ଦୟା ଅନୁଗ୍ରହ ଓ ଦାନ ଉପରେ ନିର୍ଭର କରିବାକୁ ବାଧ ହୋଇଥିଲେ । ସେ କର୍ପଦ୍ଦକ ଶୂନ୍ୟ ହେବା ପରେ ମଧ୍ୟ ତାଙ୍କ ପଛରେ ଏକ ବିଶାଳ ଅନୁଗାମୀ ଥିଲା । ତେଣୁ ଏହି ପରିସ୍ଥିତିକୁ ବ୍ୟବହାର କରି ସେ ବ୍ରିଟିଶ ବିରୋଧରେ ବିଦ୍ରୋହ ସଂଗଠିତ କରିବା ପାଇଁ ଯୋଜନା ପ୍ରସ୍ତୁତ କଲେ । ବ୍ରିଟିଶ ସରକାରଙ୍କ ଅମଳରେ ଖୋର୍ଦ୍ଧାର ରୟତ ଓ ପାଇକମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଯୋଗୁଁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଥିଲା। ବକ୍ସି ଜଗବନ୍ଧୁ ତାଙ୍କୁ କାମରେ ଲଗାଇବାକୁ ଚାହିଁଲେ । ତେଣୁ ସେ ବିଦ୍ରୋହର ଡାକରା ଦେଲେ ଓ ଅନ୍ୟମାନେ ଅତ୍ୟାଚାରୀ ବ୍ରିଟିଶ ଶାସନକୁ ଦୃଢଭାବେ ବିରୋଧ କରିବା ପାଇଁ ଆଗେଇ ଆସିଲେ । ଦୁଃଖ ଓ ଦୁର୍ଦ୍ଦଶା ଭିତରେ ଜୀବନ କଟାଇବା ଅପେକ୍ଷା ବ୍ରିଟିଶକୁ ସାମନା କରି ସମସ୍ତ ବିପଦକୁ ମୁକାବିଲା କରିବା ପାଇଁ ସେମାନେ ମନସ୍ଥ କଲେ ।

(କ୍ରମଶଃ)

ଓଡ଼ିଶା ନିଶବ୍ଦ
THE ODISHA NISHABDA

# ସ୍ୱପ୍ନ ସାକାର କଲେ ପାହାଡ଼ୀ ଝିଅ ଆଲିଶା

**ଭୁବନେଶ୍ୱର :** କୋରାପୁଟଜିଲ୍ଲା ପଟାଙ୍ଗୀ ବ୍ଲକର ରାଲେଗୋଡ଼ର ସୁଉଚ୍ଚ ପାହାଡ଼ ଘେରାରେ ବଢ଼ିଥିବା ଜଣେ ଝିଅ ଦିନେ ଯେଉଁ ବଡ଼ ସ୍ୱପ୍ନ ଦେଖିଥିଲେ, ନିଜର ପରିଶ୍ରମ ବଳରେ ତାହା ଆଜି ପୂରା କରିଛନ୍ତି। ବଳରାମ ପାଙ୍ଗୀଙ୍କ ଝିଅ ଆଲିଶା ରାଣୀ ପାଙ୍ଗୀ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ସେହି ସ୍ୱପ୍ନକୁ ସାକାର କରିପାରିଛନ୍ତି। ଆଦିବାସୀ ଅଞ୍ଚଳରୁ ବାହାରି ସେ ଆଜି ଓଡ଼ିଶା ସରକାରଙ୍କ ଅଧୀନରେ କନିଷ୍ଠ ଯନ୍ତ୍ରୀ ହୋଇପାରିଛନ୍ତି।

ଆଲିଶାଙ୍କ ପାଇଁ ଏହା କେବଳ ଏକ ଚାକିରି ନୁହେଁ, ବରଂ ବର୍ଷ ବର୍ଷର ନିରବଚ୍ଛିନ୍ନ ସାଧନା, ଶିକ୍ଷା ଏବଂ ନିଷ୍ଠାର ଫଳ। ସୁଯୋଗ ମିଳିଲେ ଓଡ଼ିଶାର ସୁଦୂର ଅଞ୍ଚଳରୁ ମଧ୍ୟ ପ୍ରତିଭାମାନେ ଆଗକୁ ଆସି ନିଜ ସ୍ୱପ୍ନ ପୂରଣ କରିପାରିବେ, ଏହା ହିଁ ପ୍ରମାଣିତ ହୋଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ମାଲକାନଗିରି ଜଡଝଓଝ ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇ ଆଲିଶା ଏବେ ଜନସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ୨୦୨୬ ଅଗଷ୍ଟ ୧୦ ତାରିଖ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ଆଲିଶାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପଟାଙ୍ଗୀ ଭଳି ଏକ ସୁଦୂର ଅଞ୍ଚଳରୁ ଆସି ସେହି ଭବ୍ୟ ମଞ୍ଚରେ ଛିଡ଼ା ହେବା ଆଲିଶାଙ୍କ ପାଇଁ ଏକ ଅଭୁଲା ମୁହୂର୍ତ୍ତ ଥିଲା। ଏହାପରେ ସେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ଏବଂ ନିଯୁକ୍ତି ପତ୍ର ଗ୍ରହଣ କରିବା, ଏହି ଦୁଇଟି ମୁହୂର୍ତ୍ତ ମଧ୍ୟରେ ଲୁଚି ରହିଥିଲା ଏକ ସଂଘର୍ଷପୂର୍ଣ୍ଣ ଯାତ୍ରା: ସ୍ୱପ୍ନରୁ ସଫଳତା, କୋରାପୁଟରୁ ରାଜ୍ୟ ସେବାର ଏକ ଅଭୂତପୂର୍ବ ଅଭିଯାତ୍ରା। ତାଙ୍କ ହସ ପଛରେ ଥିଲା ପରିବାରର ଆଶା ଏବଂ ଭୌଗୋଳିକ ସୀମାରେଖାକୁ ପଛରେ ପକାଇ ଆଗକୁ ବଢ଼ିବାର ଦୃଢ଼ ସଙ୍କଳ୍ପ।

ଆଲିଶାଙ୍କ ଏହି ସଫଳତା କେବଳ ତାଙ୍କର ବ୍ୟକ୍ତିଗତ ନୁହେଁ; ବରଂ ଏହା ଆଗାମୀ ପିଢ଼ି ପାଇଁ ଏକ ବଡ଼ ବାର୍ତ୍ତା।



କୋରାପୁଟ, ମାଲକାନଗିରି, କନ୍ଧମାଳ କିମ୍ବା ଓଡ଼ିଶାର ଅନ୍ୟାନ୍ୟ ଗ୍ରାମାଞ୍ଚଳର ଝିଅମାନଙ୍କ ପାଇଁ ତାଙ୍କ ଯାତ୍ରା ଏହା ପ୍ରମାଣ କରେ ଯେ: ତୁମେ କେଉଁଠାରୁ ଆରମ୍ଭ କରିଛ ତାହା ନୁହେଁ, ତୁମେ କେତେ ଦୂର ଯାଇପାରିବ ତାହା ତୁମ ସଙ୍କଳ୍ପ ହିଁ ସ୍ଥିର କରେ।

ସୂଚନାଯୋଗ୍ୟ, ଏହି ନିଯୁକ୍ତି ମେଳାରେ ୯ଟି ବିଭାଗର ମୋଟ ୧,୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା, ଯେଉଁଥିରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୬୪ ଜଣ ରହିଛନ୍ତି। ଏହି ନୂତନ ନିଯୁକ୍ତିଗୁଡ଼ିକ ଓଡ଼ିଶାର ବିକାଶ ଯାତ୍ରାରେ ଯୁବପିଢ଼ିଙ୍କ ସହଭାଗିତାକୁ ଆହୁରି ସୁଦୃଢ଼ କରିବ। ଜଣେ ଯନ୍ତ୍ରୀ ଭାବରେ ଆଲିଶାଙ୍କ ଏହି ନିଯୁକ୍ତି ତାଙ୍କୁ କେବଳ ଆତ୍ମନିର୍ଭରଶୀଳ କରିନାହିଁ, ବରଂ ନିଜ ଦକ୍ଷତା ମାଧ୍ୟମରେ ସାଧାରଣ ଜନତାଙ୍କ ସେବା କରିବା ଏବଂ ଭିତ୍ତିଭୂମିର ବିକାଶରେ ଯୋଗଦାନ ଦେବାର ଏକ ବଡ଼ ସୁଯୋଗ ଆଣିଦେଇଛି। ଆଜି ପଟାଙ୍ଗୀ, କୋରାପୁଟ କିମ୍ବା ମାଲକାନଗିରିର କୌଣସି ଶ୍ରେଣୀଗୃହରେ ବସିଥିବା ଜଣେ ଛୋଟ ଝିଅ ଆଲିଶାଙ୍କୁ ଦେଖି ନିଜ ଭିତରେ ବିଶ୍ୱାସ ସାଉଁଟୁଥିବ— 'ଦିନେ ମୁଁ ମଧ୍ୟ ସେଠାରେ ପହଞ୍ଚିପାରିବି।'

ଗୋଟିଏ ସୁଯୋଗ ଜୀବନ ବଦଳାଇଦେଇପାରେ, ଗୋଟିଏ ସଫଳତା ସମଗ୍ର ସମାଜକୁ ପ୍ରେରଣା ଦେଇପାରେ, ଏବଂ ଜଣେ ଯୁବତୀଙ୍କ ସଂଘର୍ଷର ଯାତ୍ରା ହଜାର ହଜାର ସ୍ୱପ୍ନକୁ ଡେଣା ଦେଇପାରେ। ପଟାଙ୍ଗୀର ପାହାଡ଼ରୁ ଆରମ୍ଭ ହୋଇ ଜନସେବାର ଦାୟିତ୍ୱ ପର୍ଯ୍ୟନ୍ତ—ଆଲିଶା ରାଣୀ ପାଙ୍ଗୀଙ୍କ ଏହି ଯାତ୍ରା ହେଉଛି ଆଶା, ସୁଯୋଗ ଏବଂ ନୂତନ ଓଡ଼ିଶାର ସ୍ୱପ୍ନ ସାକାର ହେବାର ଏକ ସୁନ୍ଦର କାହାଣୀ।

# ରାଜ୍ୟରେ ମାଗଣାରେ ହେବ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର




ଭୁବନେଶ୍ୱର: ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବିନା ମୂଲ୍ୟରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର (Gender Affirmation Surgery) ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଆଜି ନବଗଠିତ 'ଓଡ଼ିଶା ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ'ର ପ୍ରଥମ ବୈଠକରେ ନିଷ୍ପତ୍ତି ନିଆଯାଇଛି। 'ସ୍ୱୀକୃତି' ଯୋଜନା ମାଧ୍ୟମରେ ରାଜ୍ୟରେ ୮୦ଟି ତୃତୀୟଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗଠନ କରାଯାଇଛି, ଯେଉଁଥିରୁ ୪୧ଟି ଗୋଷ୍ଠୀକୁ ୫୦,୦୦୦ ଟଙ୍କା ଲେଖାଏଁ ଏକକାଳୀନ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। 'ସ୍ମାଇଲ' (SMILE) ଯୋଜନାରେ ରାଜ୍ୟର ୩,୧୫୯ ଜଣ ତୃତୀୟଲିଙ୍ଗୀଙ୍କୁ ପରିଚୟ ପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ 'ଗରିମା ଗୃହ'ରେ ୨୫ ଜଣ ସଦସ୍ୟ ରହୁଥିବା ବେଳେ 'ଆୟୁଷ୍ମାନ ଭାରତ ଟି.ଜି. ପ୍ଲସ୍' ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବା ପ୍ରକ୍ରିୟା ଜାରି ରହିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସମାଜରେ ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ୧% ସଂରକ୍ଷଣ, ଫି' ଛାଡ଼, ସ୍ୱତନ୍ତ୍ର ହଷ୍ଟେଲ ଓ ଶୌଚାଳୟ ସୁବିଧା କରାଯିବ। ଏହାଛଡ଼ା ବସୁନ୍ଧରା ଓ ପି.ଏମ୍. ଆବାସ ଯୋଜନାରେ ଜମି ଓ ଘର ଯୋଗାଇଦେବା, ପୁରୀଠାରେ ଏକ କମ୍ୟୁନିଟି ହଲ୍ ନିର୍ମାଣ ଏବଂ ତୃତୀୟଲିଙ୍ଗୀ ଓ ଏଲ.ଜି.ବି.ଟି (LGBT) ସମ୍ପ୍ରଦାୟର ସଠିକ୍ ଗଣନା (Census) କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ପାରୁଲ ପଟୱାରୀ, ଅତିରିକ୍ତ ସଚିବ ସୋନିଆ ବେହେରା, ଅତିରିକ୍ତ ସଚିବ ଦୀପକ ରାଉତରାଇଙ୍କ ସମେତ ବଲାଙ୍ଗୀର ଜିଲ୍ଲାର ପ୍ରତିନିଧି ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଟି.ଜି. ସୁରକ୍ଷା ଟ୍ରଷ୍ଟ, ବାଲୁଗାଁର 'ଚେତନା' ଅନୁଷ୍ଠାନ ଏବଂ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇ ନିଜର ପ୍ରସ୍ତାବ ରଖିଥିଲେ। ତୃତୀୟ ଲିଙ୍ଗୀମାନଙ୍କୁ ସରକାରୀ ଚାକିରିରେ ସମାନ ସୁଯୋଗ ଦେବା ପାଇଁ ଆବେଦନ ପତ୍ର ଓ ନିଯୁକ୍ତି ନିୟମାବଳୀରେ 'ତୃତୀୟଲିଙ୍ଗୀ' ବିକଳ୍ପ ସାମିଲ କରିବାକୁ ମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ତୃତୀୟଲିଙ୍ଗୀ ସୁରକ୍ଷା ସେଲ୍' ଗଠନ, ସୋସିଆଲ ମିଡିଆରେ ଆକ୍ଷେପ ବା ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାଇବର ସୁରକ୍ଷା ସେଲ୍ ଏବଂ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଚାଲୁ କରିବାକୁ ପ୍ରସ୍ତାବ ଦିଆଯାଇଛି।



# ଢେପାଗୁଡ଼ାରେ ପୁଣି ବିରାଟ ଗାତ

## ୧୧ ବର୍ଷ ତଳେ ବି ଏମିତି ଘଟିଥିଲା



ଭଞ୍ଜନଗର: କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ଅଧୀନ ଇନ୍ଦ୍ରଗଡ଼ ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ପୁଣି ରାସ୍ତା ଦବି ପ୍ରାୟ ୩୦ ଫୁଟ ଓସାର ଓ ୭/୮ଫୁଟ ଗଭୀର ଗାତ ସୃଷ୍ଟି ହୋଇଛି। ଗାତର ଆକାର ଓ ଗଭୀରତା ବଢୁଥିବା ସହ ପାଣି ଜମୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗାଁକୁ ପୁଣିଥରେ ବିପଦ ଘନେଇଲା ବୋଲି କହିଛନ୍ତି। ଅନନ୍ତ ନାୟକଙ୍କ ଘର ସାମନାରେ ଗତକାଲି କିଛି ପିଲା ଖେଳିବା ସମୟରେ ହଠାତ୍ ଅସ୍ୱାଭାବିକ ଭାବେ ମାଟି ଧସିବାକୁ ଲାଗିଥିଲା। ଫଳରେ ତପସ୍ୱିନୀ ନାୟକ ତୁରନ୍ତ ପିଲାମାନଙ୍କୁ ସେଠାରୁ ହଟିବାକୁ କହିଥିଲେ। କିଛି ସମୟରେ ମାଟି ଧସିବା ଆରମ୍ଭ କରିବା ସହ ବିରାଟ ଗାତ ହୋଇଥିଲା। ସିମେଣ୍ଟ ଓ କଂକ୍ରିଟ୍ ରାସ୍ତା ନଷ୍ଟ ହୋଇଯିବା ସହ ଜଣେ ବ୍ୟକ୍ତିଙ୍କ ଘର ତାରବାଡ଼ ପଶିଯାଇଥିଲା। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ମଝିରେ ମଝିରେ ମାଟି ଧସୁଥିବା ଗ୍ରାମବାସୀ କହିଛନ୍ତି।

୨୦୧୫ ସେପ୍ଟେମ୍ବର ୧୬ ତାରିଖ ବିଳମ୍ବିତ ରାତିରେ ହଠାତ୍ ଭୂସ୍ଖଳନରେ ଗାଁ ମଝିରେ ୨୫ ଫୁଟ ତଳକୁ ମାଟି ଦବିଯାଇ ବିରାଟ ଗାତ ହୋଇଥିଲା। ଏହାପରେ ଏଭଳି ତିନିଟି ଗାତ ସୃଷ୍ଟି ହୋଇଥିଲା। ଝର ସୃଷ୍ଟି ହୋଇ ଗାତରେ ପାଣି ବୋହିଯାଉଥିବା ଦେଖିବାକୁ ମିଳିଥିଲା। ଆମ୍ବ ଓ ନଡ଼ିଆ ଗଛ ପୋତି ହୋଇ ଯାଇଥିଲା। ଏହି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପ୍ରଶାସନିକ ଅଧିକାରୀ ଓ ଭୂତତ୍ତ୍ୱବିତ୍ ଆସି ଅନୁଧ୍ୟାନ କରିବା ସହ ମାଟି ସମେତ କିଛି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲେ। ବିପଦ ରହିଥିବାରୁ ସ୍ଥାନୀୟ ଲୋକଙ୍କୁ ଗାଁ ଛାଡ଼ିବାକୁ କୁହାଯିବା ସହ ସେଠାରେ ଚଳପ୍ରଚଳକୁ ବାରଣ କରି ସୂଚନାଫଳକ ମଧ୍ୟ ଲଗାଯାଇଥିଲା। ୩୫ ପରିବାରକୁ କେନ୍ଦୁପଲ୍ଲୀ ଆଶ୍ରୟସ୍ଥଳୀକୁ ନିଆଯାଇଥିଲା। ସେଠାରେ ପାଖାପାଖି ୪୦ ଦିନ ରହିବା ପରେ ଗ୍ରାମବାସୀଙ୍କୁ ଅନ୍ୟ ସ୍ଥାନରେ ଘର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଏମାନଙ୍କ ମଧ୍ୟରୁ କିଛି ପରିବାର ବରଗଡ଼ିହରେ ପୁନର୍ବାସ ଗୃହ ଯୋଜନାରେ ଘର ନିର୍ମାଣ କରି ରହୁଥିବା ବେଳେ ଭୂସ୍ଖଳନରେ ଘର ହରାଇଥିବା ପଞ୍ଚାନନ ନାୟକ ଓ ବୁଲୁ ନାୟକ ମଧ୍ୟ ସେଠାରେ ରହୁଛନ୍ତି। ଅନ୍ୟମାନଙ୍କ ପାଇଁ ଗ୍ରାମ ନିକଟ ତଳ ମୌଜାରେ ଘର ନିର୍ମାଣ ପାଇଁ ଟଙ୍କା ଆସିଥିଲା। କିନ୍ତୁ କୌଣସି କାରଣରୁ ନିର୍ମାଣ କାମ ସଂପୂର୍ଣ୍ଣ ହୋଇପାରିନି। ଫଳରେ ପ୍ରାୟ ୧୫ରୁ ଅଧିକ ପରିବାର ଆଜି ବି ଗ୍ରାମରେ ବିପଜ୍ଜନକ ଅବସ୍ଥାରେ ରହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପୁଣି ଗ୍ରାମକୁ ବିପଦ ମୁହାଁଇଥିବା ବେଳେ ଘର ଭାଙ୍ଗିବା ଆଶଙ୍କା ଦେଖାଦେଇଛି। ତେଣୁ ନିକଟସ୍ଥ ବିଦ୍ୟାଳୟରେ ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଥିବା କିଛି ଗ୍ରାମବାସୀ କହିଛନ୍ତି।

# 'ଆମ ବସ୍' ଦୁର୍ଘଟଣା ୫୨% କମିଛି



ଭୁବନେଶ୍ୱର: କମ୍ପ୍ରେହେନ୍‌ସିଭ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆରୟୁଟି) କାର୍ଯ୍ୟକଳାପ ଓ ପରିଚାଳନା ସମ୍ପର୍କରେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷର ସମାନ ସମୟ ତୁଳନାରେ କ୍ରୁଟ୍‌ର ବସ୍ ଦୁର୍ଘଟଣାରେ ୫୨ ପ୍ରତିଶତ ହ୍ରାସ ଘଟିଛି । ଏହାସହ ଆମବସ୍‌ର କାର୍ଯ୍ୟକଳାପ ଉପରେ ବିଭାଗର ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି।

ସମୀକ୍ଷା ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ଅତିରିକ୍ତ ସଚିବ- ତଥା -ଜିଏମ୍ ସହଦେବ ସମାଧିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ମମତାରାଣୀ ନାଏକ, କ୍ରୁଟ୍‌ର ଆର୍ଥିକ ପରାମର୍ଶଦାତା, ଓଏସଡି, ମ୍ୟାନେଜର (ଅପରେସନ)ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ବୈଠକରେ ସିଆରୟୁଟିର ସାମଗ୍ରିକ ପରିଚାଳନା କାର୍ଯ୍ୟଦକ୍ଷତା, ବସ୍ ଓ ରୁଟ୍ ପରିଚାଳନା, ସଡ଼କ ସୁରକ୍ଷା, ଯାତ୍ରୀ ସେବା, ପରିଚାଳନା, ଡିଜିଟାଲ୍ ବ୍ୟବସ୍ଥା, ଆର୍ଥିକ ସ୍ଥାୟିତ୍ୱ, ଭିତ୍ତିଭୂମି ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଆଦିର ବିସ୍ତୃତ ସମୀକ୍ଷା କରାଯାଇଥିଲା । ସେବା ପ୍ରଦାନ ବ୍ୟବସ୍ଥାର ନିରନ୍ତର ନିରୀକ୍ଷଣ କରି ଯେଉଁଠାରେ ଅଭାବ ବା ତ୍ରୁଟି ପରିଲକ୍ଷିତ ହେଉଛି, ସେଠାରେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ନିରାପଦ, ବିଶ୍ୱସନୀୟ, ଦକ୍ଷ ଓ ଯାତ୍ରୀ-ଅନୁକୂଳ ସାଧାରଣ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ପ୍ରାଥମିକତା ଦେଇଥିଲେ ।

ବୈଠକରୁ ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ କ୍ରୁଟ୍ ପକ୍ଷରୁ ସାତଟି ସହରରେ ୭୭୦ଟି ବସ୍ ଚଳାଚଳ କରୁଛି। ଏଥିରେ ୩୯୦ଟି ଇଲେକ୍ଟ୍ରିକ୍ ବସ୍ ରହିଛି । ୧୩୮ଟି ରୁଟ୍‌ରେ ଏହି ବସ୍‌ଗୁଡ଼ିକ ଚଳାଚଳ କରି ପ୍ରତିଦିନ ପ୍ରାୟ ୩.୫ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦେଉଛି । ଇଣ୍ଟେଲିଜେଣ୍ଟ ଟ୍ରାନ୍ସପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍, ଜିପିଏସ୍ ଆଧାରିତ ଯାନ ଟ୍ରାକିଂ, କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର ମନିଟରିଂ, ସିସିଟିଭି, ଯାତ୍ରୀ ସୂଚନା ବ୍ୟବସ୍ଥା ଏବଂ ଅପରେସନାଲ୍ ଡ୍ୟାସବୋର୍ଡ ଭଳି ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ କ୍ରୁଟ୍‌ର ପରିଚାଳନାକୁ ଆହୁରି ସୁଦୃଢ଼ କରାଯାଉଛି । ଫିଡର୍ ସେବାର ପାଇଲଟ୍ ପ୍ରକଳ୍ପରେ ବର୍ତ୍ତମାନ ଦୈନିକ ହାରାହାରି ପ୍ରାୟ ୪,୦୦୦ ଯାତ୍ରୀ ଯାତାୟାତ କରୁଛନ୍ତି। ସୁଲଭ ଭଡ଼ା ଏବଂ ଜନସେବା ଦାୟିତ୍ୱ ସତ୍ତ୍ୱେ କ୍ରୁଟ୍‌ର ଖର୍ଚ୍ଚ ଆଦାୟ ଅନୁପାତରେ ଉନ୍ନତି ଘଟିଛି ଏବଂ ବର୍ତ୍ତମାନ ଏହା ପ୍ରାୟ ୬୫ ପ୍ରତିଶତ ରହିଛି।

ଚାଳକଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ, ବାଧ୍ୟତାମୂଳକ ମଦ୍ୟପାନ ପରୀକ୍ଷା, ବେଗ ନିରୀକ୍ଷଣ, ନିୟମିତ ସୁରକ୍ଷା ପ୍ରଶିକ୍ଷଣ ଏବଂ କେପିଆଇ ଆଧାରିତ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ବର୍ତ୍ତମାନ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ ଏବଂ ଡ୍ରାଇଭର୍ ଫାଟିଗ୍ ମନିଟରିଂ ସିଷ୍ଟମ୍ ପ୍ରଚଳନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।

# ଆନ୍ଧ୍ରରେ ଅଙ୍ଗଦାନ କରି ଅମର ହେଲେ ଓଡ଼ିଆ ଯୁବକ ଜୀବରତ୍ନମ



ଗୋଷାଣୀ : ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଅଙ୍ଗଦାନ କରି ଜଣେ ଓଡ଼ିଆ ଯୁବକ ଅମର ହୋଇଛନ୍ତି। ଗଜପତି ଜିଲ୍ଲା ଗୋଷାଣୀ ଅଞ୍ଚଳରୁ ଏଭଳି ମହାନ କାର୍ଯ୍ୟର ଖବର ଆସିଛି। ସୋବରା ପଞ୍ଚାୟତ ଅନ୍ତର୍ଗତ ଗୌଡତାଳସିଂ ଗ୍ରାମର ସିଏଚ୍. ଜୀବରତ୍ନମ୍ (୪୫) ମୃତ୍ୟୁ ପରେ ଅଙ୍ଗ ଦାନ କରି ଅମର ହୋଇପାରିଛନ୍ତି। ସିଏଚ୍. ଜୀବରତ୍ନମ ସୀମାନ୍ତ ଆନ୍ଧ୍ରପ୍ରଦେଶରେ ରହୁଥିବା ନିଜ ଶଶୁରଙ୍କ ଘର ଗାଙ୍ଗରାଜପୁରମ୍ ଗ୍ରାମକୁ ଚାଲିଚାଲି ଯାଉଥିଲେ। ତେବେ ଗୋଷାଣୀ ବ୍ଲକ ଜଙ୍ଗଲପାଡୁ ଗ୍ରାମ ନିକଟରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଜୀବରତ୍ନମଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ତାଙ୍କୁ ପରିବାର ଲୋକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ତିନିଦିନର ଚିକିତ୍ସା ପରେ ମୃତ୍ୟୁ ଘଟିଥିଲା। ପରିବାର ଲୋକ ଅଙ୍ଗଦାନ ପାଇଁ ସମ୍ମତି ଦେବା ପରେ ଜୀବରତ୍ନମଙ୍କ ହୃତପିଣ୍ଡ, ଲିଭର କିଡ଼ନି ଆଦି ୫ଟି ଅଙ୍ଗ ପ୍ରତ୍ୟାରୋପଣ ପାଇଁ ସଂଗ୍ରହ କରାଯାଇଥିଲା। ଅଙ୍ଗଦାନ ଭଳି ମହତ କାର୍ଯ୍ୟ ପାଇଁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ପରିବାରକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଜୀବରତ୍ନମ ଜଣେ ଗରିବ ଲୋକ ହୋଇଥିବା ବେଳେ ବଢେଇ କାମକରି ଗୁଜରାଣ ମେଣ୍ଟାଉଥିଲେ।

**ବଢୁଛି ମିଥ୍ୟା ବିବାହ ପ୍ରତିଶ୍ରୁତି ମାମଲା**

# ୨ବର୍ଷରେ ବନ୍ଧା ହେଲେଣି ୧୪୮



ଭୁବନେଶ୍ୱର: ଜଣଙ୍କ ସହ ସଂପର୍କ ଅଛି, କିନ୍ତୁ ମନ ଆଉ ଜଣଙ୍କ ସାଙ୍ଗରେ ଯୋଡ଼ି ହୋଇଯାଉଛି। କେଉଁଠି ତୁରନ୍ତ ଜଣାପଡୁଛି ତ ଆଉ କେଉଁଠି ମାସ ମାସ ଧରି ଚାଲୁଛି। ଆଉ ଏହି ଛଳନା ସାମ୍ନାକୁ ଆସିବା ପରେ ପୀଡ଼ିତା ନ୍ୟାୟର ଦ୍ୱାରସ୍ଥ ହେଉଛନ୍ତି। ୨୦୨୪ ମସିହା ଜୁଲାଇ ୧ତାରିଖରେ ଭାରତୀୟ ନ୍ୟାୟ ସଂହିତା ବା ବିଏନ୍‌ଏସ୍‌ରେ 'ଦଫା ୬୯' ଲାଗୁ ହୋଇଥିଲା। ବଢୁଥିବା ପ୍ରେମଜନିତ ଅପରାଧ (ଯୌନ ସଂପର୍କ)କୁ ନିୟନ୍ତ୍ରଣ କରିବା ପାଇଁ 'ଦଫା ୬୯' ଅଣାଯାଇଥିଲ। ଆଉ ଏହି ଆଇନ ଲାଗୁ ହେବାର ପ୍ରାୟ ୨ବର୍ଷ ମଧ୍ୟରେ ରାଜଧାନୀରେ 'ଦଫା ୬୯' ବା ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ମାମଲା ବଢ଼ିବାରେ ଲାଗିଛି। ଗତ ଦୁଇବର୍ଷରେ ରାଜଧାନୀରେ କେବଳ ୧୪୮ ଜଣ ପ୍ରତାରକଙ୍କୁ ଗିରଫ କରାଯାଇଛି।

କମିସନରେଟ୍ ପୁଲିସର ୟୁପିଡିରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୪ ଜୁଲାଇ ୧ରୁ ଡିସେମ୍ବର ୩୧ ମଧ୍ୟରେ ମାତ୍ର ୬ଜଣ ଏହି ଦଫାରେ ଗିରଫ ହୋଇଥିଲେ। ଆଉ ଏହାର ପରବର୍ଷ ଅର୍ଥାତ୍ ୨୦୨୫ରେ ପ୍ରାୟ ୬୪ଟି ଅଧିକ ମାମଲା ରୁଜୁ ହୋଇ ଗିରଫଦାରୀ ସଂଖ୍ୟା ୭୦ରେ ପହଞ୍ଚିଥିଲା। ସେହିଭଳି ଚଳିତ ବର୍ଷ ଜୁଲାଇ ୩୦ ସୁଦ୍ଧା ଏହି ଗିରଫଦାରୀ ସଂଖ୍ୟା ୭୨ରେ ପହଞ୍ଚିଛି। ଏହି କ୍ରମରେ ୨୦୨୪ ଜୁଲାଇରୁ ୨୦୨୬ ଜୁଲାଇ ମଧ୍ୟରେ ୧୪୮ଜଣ ପ୍ରତାରକଙ୍କୁ ପୁଲିସ ଗିରଫ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ଏହି ଭଳି ଅଭିଯୋଗ କେବଳ ମିଥ୍ୟା ବିବାହ ନଚେତ୍ ପ୍ରତାରଣାରେ ସୀମିତ। ହେଲେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ ଆସିଛି। ନିକଟରେ ବଡ଼ଗଡ଼ ଥାନାରେ ଏଭଳି ଏକ ଅଭିଯୋଗ ଆସିବା ପରେ ପୁଲିସ ଶଠ ପ୍ରେମିକ ଶିବାନନ୍ଦ ବାରିକ ବିରୋଧରେ ବିଏନ୍‌ଏସ୍ ୬୯ ବ୍ୟତୀତ ୭୪ ଓ ୭୭ ଦଫା ଲଗାଇ ଗିରଫ କରିଥିଲା। ତେବେ ଏହା କେବଳ ଗୋଟିଏ ଘଟଣା ନୁହେଁ, ରାଜଧାନୀରେ ଏହିଭଳି ମାଳମାଳ ଘଟଣା ରୀତିମତ ଦେଖିବାକୁ ମିଳୁଛି।

ଏନେଇ ସମାଜସେବୀ ଶୁଭଶ୍ରୀ ଦାସ କହିଛନ୍ତି, ଭୁବନେଶ୍ୱରରେ ପାଠ ପଢ଼ିବା ପାଇଁ ବିଭିନ୍ନ ଜିଲ୍ଲାରୁ ପିଲା ଏଠାକୁ ଆସୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ସହପାଠୀ ଦ୍ୱାରା ଝିଅଟି ପ୍ରତାରଣାର ଶିକାର ହେଉଛି। ଏ ସବୁ ନିୟନ୍ତ୍ରଣ ପାଇଁ ପିଲାମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯିବା ଆବଶ୍ୟକ। ଏଥିପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନରେ କାଉନ୍‌?ସେଲିଂ ବ୍ୟବସ୍ଥା ରହିବା ଆବଶ୍ୟକ। ଉଭୟ ପୁଅ ଓ ଝିଅଙ୍କୁ ଏଥିରେ ସାମିଲ କରି ଏହାର ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ବୁଝାଇବା ଆବଶ୍ୟକ। ଏହା ସହିତ ଏଭଳି ଅପରାଧର ଆଇନଗତ ପଦକ୍ଷେପ କଣ ହୋଇପାରେ ସେ ବାବଦରେ ସଚେତନ କରାଯିବା ଆବଶ୍ୟକ।

# ଚିଙ୍ଗୁଡ଼ି ବନାମ ମାଛ

*ଚିଙ୍ଗୁଡ଼ି ଓ ମାଛ ଉଭୟ ପ୍ରୋଟିନ୍‌ରେ ଭରପୂର। ତେବେ ସେମାନଙ୍କ ପୋଷଣ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବଶ୍ୟକତା ପୂରଣ କରିଥାଏ। ଚିଙ୍ଗୁଡ଼ି ଅତ୍ୟନ୍ତ କମ୍ କ୍ୟାଲୋରିଯୁକ୍ତ ପ୍ରୋଟିନ୍‌ର ଉତ୍ସ, ଯେଉଁଥିରେ ସେଲେନିୟମ୍, ଜିଙ୍କ୍ ଓ ଆୟୋଡିନ୍ ପରି ଅତ୍ୟାବଶ୍ୟକ ମିନେରାଲ୍‌ସ ଥାଏ।*



ଚିଙ୍ଗୁଡ଼ି ଓ ମାଛ ଉଭୟ ପ୍ରୋଟିନ୍‌ରେ ଭରପୂର। ତେବେ ସେମାନଙ୍କ ପୋଷଣ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବଶ୍ୟକତା ପୂରଣ କରିଥାଏ। ଚିଙ୍ଗୁଡ଼ି ଅତ୍ୟନ୍ତ କମ୍ କ୍ୟାଲୋରିଯୁକ୍ତ ପ୍ରୋଟିନ୍‌ର ଉତ୍ସ, ଯେଉଁଥିରେ ସେଲେନିୟମ୍, ଜିଙ୍କ୍ ଓ ଆୟୋଡିନ୍ ପରି ଅତ୍ୟାବଶ୍ୟକ ମିନେରାଲ୍‌ସ ଥାଏ। ଅନ୍ୟପକ୍ଷରେ ମାଛ ହୃତ୍‌ପିଣ୍ଡକୁ ସୁରକ୍ଷା ଦେଉଥିବା ଓମେଗା-୩ ଫ୍ୟାଟି ଏସିଡ୍ ଓ ଭିଟାମିନ୍-ଡି ଯୋଗାଇଥାଏ। ପ୍ରତି ୧୦୦ ଗ୍ରାମ ରନ୍ଧା ଚିଙ୍ଗୁଡ଼ିରେ ୧୦୦ କ୍ୟାଲୋରି, ୨୦ ଗ୍ରାମ୍ ପ୍ରୋଟିନ୍ ଓ ୧ ଗ୍ରାମ୍ ଫ୍ୟାଟ୍ ରହିଥାଏ। ତା' ସହ ଭିଟାମିନ୍ ବି-୧୨, ସେଲେନିୟମ୍, ଜିଙ୍କ୍, ଆୟୋଡିନ୍, ଫସଫରସ୍ ଓ ଆଷ୍ଟାକ୍ସାନ୍ଥିନ୍ ବି ଥାଏ। ଯେଉଁମାନେ ଓଜନ କମାଇବାକୁ ଚାହାନ୍ତି ବା ଶରୀରରେ ଖଣିଜ ପଦାର୍ଥର ମାତ୍ରା ବଢ଼ାଇବାକୁ ଚାହାନ୍ତି, ସେମାନଙ୍କ ପାଇଁ ଚିଙ୍ଗୁଡ଼ି ଏକ ଉତ୍ତମ ବିକଳ୍ପ। ସେହିପରି ୧୦୦ ଗ୍ରାମ୍ ମାଛରେ କ୍ୟାଲୋରି ୧୦୦ରୁ ୧୩୦ ରହିଥିବା ବେଳେ ପ୍ରୋଟିନ୍ ୨୦ରୁ ୨୪ ଗ୍ରାମ୍ ଓ ଫ୍ୟାଟ୍ ୧-୩ ଗ୍ରାମ୍ ରହିଥାଏ। ସେହିପରି ଭିଟାମିନ୍-ବି, ଭିଟାମିନ୍-ଡି, ଆୟୋଡିନ୍ ଓ ଓମେଗା-୩ ଫ୍ୟାଟି ଏସିଡ୍ ମଧ୍ୟ ଥାଏ।

ଉଭୟ ଚିଙ୍ଗୁଡ଼ି ଓ ମାଛ ପ୍ରୋଟିନ୍‌ର ଭଲ ଉତ୍ସ। ଉଭୟରେ ଶରୀର ପାଇଁ ଆବଶ୍ୟକୀୟ ଆମିନୋ ଏସିଡ୍ ରହିଛି, ଯାହା ମାଂସପେଶୀ ଗଠନ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଉଭୟ ଚିଙ୍ଗୁଡ଼ି ଓ ମାଛ ଓଜନ କମାଇବା ପାଇଁ ଖୁବ୍ ଉପଯୋଗୀ। ଚିଙ୍ଗୁଡ଼ିରେ କ୍ୟାଲୋରି ଓ ଚର୍ବି ବହୁତ କମ୍ ଥାଏ। ଏହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ମାଛ ଓଜନ ନିୟନ୍ତ୍ରଣ ପାଇଁ ଭଲ ଓ ତେଲିଆ ମାଛରେ ଥିବା ଓମେଗା-୩ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ। ଅତ୍ୟଧିକ ତେଲ, ମସଲା କିମ୍ବା କ୍ରିମି ସସ୍ ବ୍ୟବହାର କରିବା ପରିବର୍ତ୍ତେ ଗ୍ରିଲ୍ କରି, ବାମ୍ଫରେ ସିଝାଇ ବା ଅଳ୍ପ ତେଲରେ ରାନ୍ଧି ଖାଇଲେ ଏହାର ପ୍ରକୃତ ସ୍ୱାସ୍ଥ୍ୟଗୁଣ ମିଳିଥାଏ। ଚିଙ୍ଗୁଡ଼ି ମେଟାବୋଲିଜିମ୍ ଓ ଥାଇରଏଡ୍ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ଆଖି ଓ ଚର୍ମର ସୁରକ୍ଷା ପାଇଁ ଏହା ଆଣ୍ଟି-ଅକ୍ସିଡାଣ୍ଟ ଯୋଗାଏ। ଶରୀରର ପ୍ରଦାହ କମାଇବାରେ ବି ସାହାଯ୍ୟ କରେ। ସେହିପରି ମାଛ ଓମେଗା-୩ ହୃତ୍‌ପିଣ୍ଡ, ମସ୍ତିଷ୍କ ଏବଂ ଗଣ୍ଠିର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରି। ଏହା ସ୍ମରଣଶକ୍ତି ବୃଦ୍ଧି କରେ ଏବଂ ଭିଟାମିନ୍-ଡି ଯୋଗାଏ। ସାଧା ମାଛ ହଜମ କରିବା ସହଜ, ତେଣୁ ପେଟ ପାଇଁ ଭଲ।

## ଏଣିକି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କହିବ

# ମସ୍ତିଷ୍କର ଠିକ୍ ବୟସ

**ଆଜିକାଲି ବୈଜ୍ଞାନିକମାନେ ଶରୀର ଅପେକ୍ଷା ମସ୍ତିଷ୍କ କିପରି କାର୍ଯ୍ୟ କରେ, ତାହା ଶରୀର ଏବଂ ମସ୍ତିଷ୍କର ବୟସ ଜାଣିବା ହେଉ, ଏହାର ବାର୍ଦ୍ଧକ୍ୟର କାରଣ ଖୋଜିବା ହେଉ କିମ୍ବା ପ୍ରତ୍ୟେକ ବୟସରେ ମସ୍ତିଷ୍କ କିପରି କାର୍ଯ୍ୟ କରେ ସେ ବିଷୟରେ ସୂଚନା ପାଇବା ପାଇଁ ଅଧିକ ଗବେଷଣା କରୁଛନ୍ତି।**



ଆଜିକାଲି ବୈଜ୍ଞାନିକମାନେ ଶରୀର ଅପେକ୍ଷା ମସ୍ତିଷ୍କ କିପରି କାର୍ଯ୍ୟ କରେ, ତାହା ଶରୀର ଏବଂ ମସ୍ତିଷ୍କର ବୟସ ଜାଣିବା ହେଉ, ଏହାର ବାର୍ଦ୍ଧକ୍ୟର କାରଣ ଖୋଜିବା ହେଉ କିମ୍ବା ପ୍ରତ୍ୟେକ ବୟସରେ ମସ୍ତିଷ୍କ କିପରି କାର୍ଯ୍ୟ କରେ ସେ ବିଷୟରେ ସୂଚନା ପାଇବା ପାଇଁ ଅଧିକ ଗବେଷଣା କରୁଛନ୍ତି। ନିକଟରେ ହୋଇଥିବା ଏକ ଗବେଷଣାରେ ମସ୍ତିଷ୍କର ବୟସ ଦେଖାଇବା ପାଇଁ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଫ୍ରେମୱାର୍କ ପ୍ରସ୍ତୁତ କରାଯାଇଛି।

ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ନୂତନ ମଡେଲ୍ ଦର୍ଶାଏ ଯେ ମସ୍ତିଷ୍କ ପରିବର୍ତ୍ତନର ଢାଞ୍ଚା କିପରି ଜଣେ ବ୍ୟକ୍ତିର ଜୀବନକାଳ ମଧ୍ୟରେ ଜ୍ଞାନଗତ କାର୍ଯ୍ୟ ସହିତ ଜଡିତ। ଏହି ଅଧ୍ୟୟନ 'ମସ୍ତିଷ୍କ ବୟସ' ଆକଳନ କରିବା ପାଇଁ ପଦ୍ଧତି ଉପସ୍ଥାପନ କରେ, ଯାହା ଏକ ଉଦୀୟମାନ ନ୍ୟୁରୋଇମେଜିଂ ବାୟୋମାର୍କର ଏବଂ ଜଣେ ବ୍ୟକ୍ତିର ମସ୍ତିଷ୍କ ଗଠନକୁ ଆଜୀବନ ସୁସ୍ଥ ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ଢାଞ୍ଚା ସହିତ ତୁଳନା କରେ ।

### ୧୯ରୁ ୧୦୦ ବର୍ଷର ଏମଆରଆଇ ସ୍କାନ ବ୍ୟବହାର

ଏହି ଗବେଷଣାରୁ ଜଣାପଡ଼ିଛି ଯେ, ପାରମ୍ପରିକ ପଦ୍ଧତି ବ୍ୟବହାର କରି ମସ୍ତିଷ୍କର ବୟସ ମାପିବା ପାଇଁ ଚେଷ୍ଟା କରାଗଲେ ସମଗ୍ର ମସ୍ତିଷ୍କକୁ ସମାନ ହାରାହାରି ବୟସ ଦିଆଯାଏ। ଏହି ଉପାୟରେ ମସ୍ତିଷ୍କର ପ୍ରକୃତ ବୟସ ଜଣା ପଡ଼େ ନାହିଁ କାରଣ ମସ୍ତିଷ୍କର ଅବଶିଷ୍ଟ ଅଂଶରେ ହେଉଥିବା ପରିବର୍ତ୍ତନ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୁଏ ନାହିଁ।

ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଆମର ଆଭିମୁଖ୍ୟ କ୍ରମାଗତ ବାର୍ଦ୍ଧକ୍ୟ ସମୟର ଢାଞ୍ଚାକୁ ପ୍ରକାଶ କରିବା। ଅଧ୍ୟୟନ ପାଇଁ, ଗବେଷକମାନେ ୧୯ରୁ ୧୦୦ ବର୍ଷ ବୟସ ମଧ୍ୟରେ ୧୪,୭୪୮ ଜ୍ଞାନଗତ ସାଧାରଣ ବୟସ୍କଙ୍କ ଏମଆରଆଇ ସ୍କାନ ବ୍ୟବହାର କରିଥିଲେ। ଏହା ଏକ ଗଭୀର ଶିକ୍ଷଣ ସ୍ନାୟୁ ନେଟୱାର୍କକୁ ତାଲିମ ଦେଇଥିଲା, ଯାହା ଛଅଟି ବୃହତ ସର୍ବସାଧାରଣ ଡାଟାସେଟରୁ ଉତ୍ପନ୍ନ ହୋଇଥିଲା ।

### ମସ୍ତିଷ୍କର ସମସ୍ତ ଅଙ୍ଗ ସମାନ ଭାବରେ ବଢ଼େ ନାହିଁ

ନୂତନ ଅନୁସନ୍ଧାନ ଅନୁଯାୟୀ, ମସ୍ତିଷ୍କର ସମସ୍ତ ଅଙ୍ଗ ସମାନ ସମୟରେ ବଡ଼ ହୁଏନାହିଁ। କେତେକ କ୍ଷେତ୍ର ଅଧିକ ସ୍ଥିର ଦେଖାଯାଏ, ଅନ୍ୟଗୁଡ଼ିକ ବାର୍ଦ୍ଧକ୍ୟ ଏବଂ ରୋଗ ପାଇଁ ଅଧିକ ସମ୍ବେଦନଶୀଳ। ଗବେଷକମାନେ ଏକ ଏଆଇ-ଆଧାରିତ ପଦ୍ଧତି ବିକଶିତ କରିଛନ୍ତି ଯାହା ମସ୍ତିଷ୍କର ବିଭିନ୍ନ ଅଂଶର ବୟସର ପାର୍ଥକ୍ୟକୁ ଆଲୋକିତ କରୁଥିବା ଏକ ବିସ୍ତୃତ ମାନଚିତ୍ର ଦେଖାଇବ।

## ପିଲାଙ୍କୁ ଚେସ୍ ଖେଳିବାକୁ ଦିଅନ୍ତୁ

*ଚେସ୍ ଏକ ବୌଦ୍ଧିକ କସରତ ହେଉଥିବା ଖେଳ। ଏଥିରେ ମସ୍ତିଷ୍କ ଶକ୍ତିର ବ୍ୟବହାର ହୋଇଥାଏ। ଏହି କାରଣରୁ ଅନେକ ଲୋକ ବିଶ୍ୱାସ କରନ୍ତି ଯେ, ଚେସ୍ ଖେଳିବା ଦ୍ୱାରା ପିଲାଙ୍କ ମସ୍ତିଷ୍କ ତୀକ୍ଷ୍ଣ ହୁଏ। ଅନେକ ଅଭିଭାବକ ମଧ୍ୟ ଚାହାନ୍ତି ଯେ, ସେମାନଙ୍କ ପିଲା ଚେସ୍ ଖେଳନ୍ତୁ, ଯାଦ୍ୱାରା ସେମାନଙ୍କର ଚିନ୍ତା କରିବା ଓ ବୁଝିବା ଶକ୍ତି ବୃଦ୍ଧି ପାଇବ। ଡାକ୍ତର ମଧ୍ୟ କହନ୍ତି, ଚେସ୍ ଖେଳିବା ସମୟରେ ପ୍ରତ୍ୟେକ ଗୋଟିର ଚଳନକୁ ବହୁତ ଚିନ୍ତା କରି ଚଳେଇବାକୁ ପଡ଼ିଥାଏ। ସେମାନଙ୍କୁ ଏହା ମଧ୍ୟ ଚିନ୍ତା କରିବାକୁ ପଡ଼େ ଯେ, ବିପକ୍ଷ ଖେଳାଳିଙ୍କ ପରବର୍ତ୍ତୀ ଚାଲ୍ କ'ଣ ହେବ ? ଏହାଦ୍ୱାରା ପିଲାମାନେ ତରବରିଆ ନିଷ୍ପତ୍ତି ନ ନେଇ ପ୍ରଥମେ ଚିନ୍ତା କରିବା ଶିଖନ୍ତି। ଏହାଦ୍ୱାରା ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାର ଅଭ୍ୟାସ ହୁଏ। ଚେସ୍ ଖେଳିବା ସମୟରେ ପିଲାଙ୍କ ସମ୍ପୂର୍ଣ୍ଣ ଧ୍ୟାନ ଖେଳ ଉପରେ ରହିଥାଏ। କାରଣ ଅଳ୍ପ ସମୟ ପାଇଁ ମଧ୍ୟ ଧ୍ୟାନ ଭଙ୍ଗହେଲେ, ଖେଳ ହାରିଯିବାର ଆଶଙ୍କା ଥାଏ। ତେଣୁ ଏହି ଖେଳ ପିଲାଙ୍କ ଏକାଗ୍ରତା ବଢ଼ାଇବାରେ ସାହାଯ୍ୟ କରିଥାଏ।*

## କଦଳୀ ଖାଇବାର ସଠିକ ସମୟ

*ଆପଣ କଦଳୀ ଖାଇବାକୁ ପସନ୍ଦ କରନ୍ତି କି ? ଯଦି ହଁ, ତେବେ କଦଳୀ ଖାଇବାର ସମୟ କଣ ? କାରଣ ବେଳେ ବେଳେ ଆମେ ଏମିତି ଅସମୟରେ କଦଳୀ ଖାଇଥାଉ, ଯାହା ଦ୍ୱାରା ଆମର ସ୍ୱାସ୍ଥ୍ୟ ଖରାପ ହୋଇଥାଏ । ତେବେ କଦଳୀ ଖାଇବାର ସଠିକ ସମୟକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ଯେ କଦଳୀରୁ ସମ୍ପୂର୍ଣ୍ଣ ପୋଷଣ ପାଇବା ପାଇଁ ସକାଳ ଜଳଖିଆ ଖାଇବାର ୧ ରୁ ୨ ଘଣ୍ଟା ପରେ କଦଳୀ ଖାଇବା ସବୁଠାରୁ ଉତ୍ତମ। ସକାଳେ ଖାଲି ପେଟରେ କଦଳୀ ଖାଇବା ଦ୍ୱାରା ରକ୍ତରେ ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍‌ର ମାତ୍ରା ହଠାତ୍ ବୃଦ୍ଧି ପାଏ, ଯାହା ପାଚନ ତନ୍ତ୍ର ଉପରେ ପ୍ରଭାବ ପକାଏ। ଏହାସହ ବ୍ଲଡ୍ ସୁଗାର ସ୍ତର ଶୀଘ୍ର ବଢ଼ି ପୁଣି ହଠାତ୍ କମିଯାଏ।*

*କଦଳୀରେ ପ୍ରାକୃତିକ ଶର୍କରା, କାର୍ବୋହାଇଡ୍ରେଟ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି୬ ଓ ଫାଇବର୍ ପ୍ରଚୁର ମାତ୍ରାରେ ଥାଏ। ଜଳଖିଆ ପରେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଧୀରେ ଧୀରେ ଶକ୍ତି ମିଳେ, ଯାହା ଦ୍ୱାରା ଦିପହର ପର୍ଯ୍ୟନ୍ତ କ୍ଲାନ୍ତି ଓ ଦୁର୍ବଳତା ଅନୁଭୂତ ହୁଏନାହିଁ। କଦଳୀରେ ଥିବା ପୋଟାସିୟମ୍ ଓ ପ୍ରାକୃତିକ ଆଣ୍ଟାସିଡ୍ ଗୁଣ ପେଟର ଏସିଡ୍‌କୁ ନିଷ୍କ୍ରିୟ କରେ, ଯାହା ଦ୍ୱାରା ପେଟ ଜଳାପୋଡ଼ା ଓ ପେଟ ଫୁଲିବା ସମସ୍ୟା ହୁଏନାହିଁ।*

# ଛୋଟ ବୟସରେ କଲେ କମାଲ୍ : ୧୮ ବର୍ଷରେ ହେଲେ ପ୍ରଫେସର୍

ଯେଉଁ ବୟସରେ କେହି କଲେଜରେ ପଢ଼େ ସେ ବୟସରେ ଏ ଯୁବକ କଲେଜରେ ପଢ଼ାଇଲେ । ମାତ୍ର ୧୮ ବର୍ଷରେ ଏ ଛାତ୍ର ଜଣକ ଏପରି କମାଲ କଲେ ଯାହାକୁ ନେଇ ସାରା ଦୁନିଆରେ ଖବର । ମାତ୍ର ୧୮ ବର୍ଷରେ ପ୍ରଫେସର ବନି ଇଞ୍ଜିନିୟରିଙ୍ଗ ପିଲାଙ୍କୁ ପଢ଼ାଉଛନ୍ତି । ଯେଉଁ ବୟସରେ କେହି କଲେଜରେ ପଢ଼େ ସେ ବୟସରେ ଏ ଯୁବକ କଲେଜରେ ପଢ଼ାଇଲେ । ମାତ୍ର ୧୮ ବର୍ଷରେ ଏ ଛାତ୍ର ଜଣକ ଏପରି କମାଲ କଲେ ଯାହାକୁ ନେଇ ସାରା ଦୁନିଆରେ ଖବର । ମାତ୍ର ୧୮ ବର୍ଷରେ ପ୍ରଫେସର ବନି ଇଞ୍ଜିନିୟରିଙ୍ଗ ପିଲାଙ୍କୁ ପଢ଼ାଉଛନ୍ତି । ଆମେରିକାର ନାଥନ୍ ଥମାସ୍, ମାତ୍ର ୧୮ ବର୍ଷ ବୟସରେ ପ୍ରଫେସର ହୋଇ ଇତିହାସ ରଚିଛନ୍ତି । ସବୁଠାରୁ କମ୍ ବୟସର ପ୍ରଫେସର ହେବାରେ ତାଙ୍କ ନାଁ ଗିନିଜ୍ ବୁକ୍ ଅଫ୍ ରିକର୍ଡସରେ ସ୍ଥାନ ପାଇଛି । ଯୁବ



ପ୍ରଫେସର ଭାବେ ନାଥନ୍ ୩୦୬ ବର୍ଷର ରେକର୍ଡ ଭାଙ୍ଗିଛନ୍ତି । ସେ ଏବେ ମିୟାମୀ ଡେଡ୍ କଲେଜ୍ରେ ଇଞ୍ଜିନିୟରିଙ୍ଗ ଇନଷ୍ଟ୍ରକ୍ଟର ପଦରେ ନିଯୁକ୍ତ ।

ଏଠାରେ ସେ ନିଜ ନିଜ ବୟସର ପିଲାଙ୍କୁ ପଢ଼ାଉଛନ୍ତି । ଥମାସ୍ ୩୦୬ ବର୍ଷର ହେଉଁ ରେକର୍ଡ ଭାଙ୍ଗିଛନ୍ତି ତାହା ସ୍କଟଲ୍ୟାଣ୍ଡର ଗଣିତଜ୍ଞ କୋଲିନ୍ ମୈକଲାରିନଙ୍କ ନାଁରେ ଥିଲା । କୋ କୋଲିନ୍ ୧୭୧୭ ରେ ମାତ୍ର ୧୯ ବର୍ଷରେ ପ୍ରଫେସର ହୋଇ ରେକର୍ଡ କରିଥିଲେ । ଅଧିକାଂଶ ପିଲାଙ୍କ ତୁଳନାରେ ନାଥନ୍ ଥମାସଙ୍କର ଶିକ୍ଷା ଉଚ୍ଚକୋଟୀର। ସେ ୧୦ ବର୍ଷ ବୟସରେ କଲେଜରେ ପଢ଼ିଥିଲେ। ସେ ସେହି ମିଆମି ଡେଡ୍ କଲେଜରେ ପଢ଼ିଥିଲେ ଯେଉଁଠାରେ ସେ ବର୍ତ୍ତମାନ ପ୍ରଫେସର ଭାବରେ କାର୍ଯ୍ୟ କରନ୍ତି । ତା'ପରେ ସେ ୧୪ ବର୍ଷ ବୟସରେ ଫ୍ଲୋରିଡା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟକୁ ଗଲେ, ଯେଉଁଠାରେ ସେ ହନର୍ସ ସହିତ ସ୍ନାତକ ଡିଗ୍ରୀ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। କିଛି ବର୍ଷ ପରେ, ସେ ସେହି କଲେଜକୁ ଫେରି ଆସିଲେ ଯେଉଁଠାରେ ସେ ଥରେ ଛାତ୍ର ଥିଲେ । ୨୦୨୩ ଅଗଷ୍ଟରେ, ଥମାସ ମିଆମି ଡେଡ୍ କଲେଜରେ ଇଞ୍ଜିନିୟରିଂ ଛାତ୍ରମାନଙ୍କୁ ଉ ପ୍ରୋଗ୍ରାମିଂ ଏବଂ କମ୍ପ୍ୟୁଟେସନାଲ୍ ସମସ୍ୟା ସମାଧାନ ପାଠ୍ୟକ୍ରମ ପଢ଼ାଇବା ଆରମ୍ଭ କଲେ। ଏକ ଇଞ୍ଜିନିୟରିଂ ପରିବାରରେ ବଢ଼ିଥିବା, ଥମାସ କଲେଜରେ ପାଠପଢ଼ା ସହିତ ଖଇ ର ମିଆମି ବିଶ୍ୱବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କରିଛନ୍ତି । ଏତେ କମ୍ ବୟସରେ ଏତେ ଧିଶକ୍ତିର ଅଧିକାରୀ ହୋଇଥିବାରୁ ତାଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା ।



**ପିଲାଦିନେ ବାପାଙ୍କୁ ହରାଇଲେ, ପେଟ ପାଇଁ ଟାୟାର୍ ପଞ୍ଚର୍ ମାରୁଥିଲେ ଆଉ ଏବେ ଜିଲ୍ଲା କଲେକ୍ଟର... ସତରେ ବରୁଣଙ୍କ ଏହି କାହାଣୀ ଆଜିର ଯୁବପିଢ଼ିଙ୍କୁ ବଡ଼ ପ୍ରେରଣା ଦେବ । ଗରିବୀ କେବେ ବି ପ୍ରତିଭା ରାସ୍ତାରେ କଣ୍ଟା ହେଇପାରେନା । ଜଣେ ମା'ର ଅମାପ ତ୍ୟାଗ ଆଉ ପୁଅର ଅଦମ୍ୟ ଇଚ୍ଛାଶକ୍ତି ସଫଳତାର ଜ୍ୱଳନ୍ତ ଉଦାହରଣ।**

## ପିଲାଦିନେ ବାପାଙ୍କୁ ହରାଇଥିଲେ

# ଟାୟାର୍ ପଞ୍ଚର୍ ମାରୁଥିଲେ ଆଉ ଏବେ କଲେକ୍ଟର

୨୦୦୬ର କଥା । ବାପାଙ୍କ ଦେହାନ୍ତ ପରେ ପରିବାରର ଚକ ବି ଅଟକିଗଲା ଭଳି ଲାଗିଲା । ଘର ଚଳାଇବା ପାଇଁ ବରୁଣ ବାଧ୍ୟ ହୋଇ ବାପାଙ୍କ ପଙ୍କଚର୍ ଦୋକାନରେ ବସିଲେ। କିଛିଦିନ ପରେ ଦଶମ ପରୀକ୍ଷାର ରେଜଲ୍ଟ ଆସିଲା। ବରୁଣ ଖାଲି ପାସ୍ ହୋଇନଥିଲେ, ନିଜ ସ୍କୁଲରେ ଟପ୍ପର୍ ବି ହୋଇଥିଲେ । ଗୋଟିଏ ପଟେ ସଫଳତାର ଖୁସି ଅନ୍ୟ ପଟେ ପେଟର ଭୋକ । ଆର୍ଥିକ ଅନଟନ ଏତେ ଥିଲା ଯେ, ସାହି-ପଡ଼ିଶା ଲୋକ କହିଲେ ପାଠପଢ଼ା ଛାଡ଼ି ଏବେ ଦୋକାନ ସମ୍ଭାଳେ । ନହେଲେ ଘର ଚଳିବ କେମିତି ? ବରୁଣ ମଧ୍ୟ ନିଜ ଭାଗ୍ୟକୁ ଆଦରି ନିଜର ଉଜ୍ଜ୍ୱଳ ସ୍ୱପ୍ନକୁ ମାରିଦେବାକୁ ବସିଥିଲେ । ହେଲେ ସେ ସମୟରେ ତାଙ୍କ ମା' ସାଜିଥିଲେ ତାଙ୍କର ସପୋର୍ଟ ସିଷ୍ଟମ୍ । ଆଖିରେ ଲୁହ ଥାଇ ବି ପୁଅକୁ ପାଠପଢ଼ିବାକୁ କହି ନିଜେ ଦୋକାନ ସମ୍ଭାଳିଥିଲେ । କଥାଟା କହିଦେବା ଯେତିକି ସହଜ ଥିଲା, କରିବା ତା'ଠୁ ଭାରି କଷ୍ଟ । ଦିନସାରା ଝାଳନାଳ ହୋଇ ଯାହା ବି କିଛି ରୋଜଗାର କରୁଥିଲେ, ସେଥିରୁ ଅଧା ଘର ଖର୍ଚ୍ଚ ପାଇଁ ରଖି ବାକି ଅଧା ପୁଅର ପାଠପଢ଼ା ପାଇଁ ସାଇତି ରଖୁଥିଲେ । ଗୋଟିଏ ମା'ର ଏ ତ୍ୟାଗ ହିଁ ବରୁଣଙ୍କ ଭିତରେ ଥିବା ଆଇଏଏସ୍ ବନିବାର ଜିଦକୁ ମରିବାକୁ ଦେଇନଥିଲା।

ବରୁଣଙ୍କ ସ୍ୱପ୍ନ ଥିଲା ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାର । ହେଲେ ମେଡିକାଲ୍ କଲେଜର ଲକ୍ଷ ଲକ୍ଷ ଟଙ୍କାର ଫିସ୍ ଦେବା ତାଙ୍କ ସାମର୍ଥ୍ୟର ବାହାରେ ଥିଲା। ବାଧ୍ୟ ହୋଇ ସେ ପୁଣେର ଏମ୍ଆଇଟି କଲେଜରେ ଇଞ୍ଜିନିୟରିଂରେ ନାମ ଲେଖାଇଲେ । ସେଠି ମଧ୍ୟ ଅର୍ଥ ସାଜିଲା ବାଧକ । ନିଜ ଖର୍ଚ୍ଚ ଉଠାଇବା ପାଇଁ ବରୁଣ ପିଲାମାନଙ୍କୁ ଟ୍ୟୁସନ୍ ମଧ୍ୟ କରୁଥିଲେ । ନିଜର ପ୍ରତିଭା ଓ ପରିଶ୍ରମ ବଳରେ ସେ ଇଞ୍ଜିନିୟରିଂ ଶେଷ କରିବା ମାତ୍ରେ ଗୋଟିଏ ବଡ଼ କମ୍ପାନିରେ ଚାକିରି ପାଇଗଲେ । ଘରକୁ ପଇସା ଆସିଲା, ଦୁଃଖର ଦିନ ବି ଗଲା । କିନ୍ତୁ ବରୁଣଙ୍କ ଆଖିରେ କିଛି ବଡ଼ କରିବାର ସ୍ୱପ୍ନ ଥିଲା । ଚାକିରି ଛାଡ଼ିବା ପରେ ୟୁପିଏସସି ପ୍ରସ୍ତୁତି ପାଇଁ ଦାମୀ କୋଚିଂ ନେବାର କ୍ଷମତା ନଥିଲା । ସେ ଗୋଟିଏ କୋଚିଂ ସେଣ୍ଟର ଯାଇ ସର୍ତ୍ତ ରଖିଲେ ଯେ, 'ଯଦି ଆପଣ ମୋତେ ମାଗଣାରେ ପଢ଼ାଇବେ, ତେବେ ମୁଁ ମୋର ପ୍ରଥମ ପ୍ରୟାସରେ ହିଁ ଆଇଏଏସ୍ କ୍ରାକ୍ କରି ଦେଖାଇବି । ତା'ପରେ ଆରମ୍ଭ ହେଲା ଜୀବନର ସବୁଠୁ ବଡ଼ ତପସ୍ୟା। ଦିନରାତି ଏକ କରି ବରୁଣ ପାଠ ପଢ଼ିଲେ । ଶେଷରେ ୨୦୧୬ ମସିହା ୟୁପିଏସସିରେ କମାଲ କରିଦେଲେ । ନିଜ ପ୍ରଥମ ପ୍ରୟାସରେ ହିଁ ସର୍ବଭାରତୀୟ ସ୍ତରରେ ୩୨ତମ ରାଙ୍କ୍ ହାସଲ କରି ବାବୁ ବନିଗଲେ । ସତରେ ବରୁଣଙ୍କ ଏହି କାହାଣୀ ଆଜିର ଯୁବପିଢ଼ିଙ୍କୁ ବଡ଼ ପ୍ରେରଣା ଦେବ । ଗରିବୀ କେବେ ବି ପ୍ରତିଭା ରାସ୍ତାରେ କଣ୍ଟା ହେଇପାରେନା । ଜଣେ ମା'ର ଅମାପ ତ୍ୟାଗ ଆଉ ପୁଅର ଅଦମ୍ୟ ଇଚ୍ଛାଶକ୍ତି ସଫଳତାର ଜ୍ୱଳନ୍ତ ଉଦାହରଣ।

ଓଡ଼ିଶା ନିଶବ୍ଦ
THE ODISHA NISHABDA

# ବିରଳ ବ୍ୟାଙ୍କ୍: ଏଠି ଅର୍ଥ ନୁହେଁ, ମିଳେ ଅମୃତ




ନବଜାତ ଶିଶୁ ପାଇଁ ମା' କ୍ଷୀର କେବଳ ଏକ ଖାଦ୍ୟ ନୁହେଁ, ଏହା ହେଉଛି ମା'ର ଅଫୁରନ୍ତ ପ୍ରେମ, ସୁରକ୍ଷା ଓ ପୃଥିବୀରେ ବଞ୍ଚି ରହିବାର ପ୍ରଥମ ସାଧନ। ସ୍ତନ୍ୟପାନ କେବଳ ଶାରୀରିକ ପୋଷଣ ନୁହେଁ ବରଂ ଏହା ମା' ଓ ସନ୍ତାନ ମଧ୍ୟରେ ଥିବା ଅତି ପବିତ୍ର ଓ ଭାବପୂର୍ଣ୍ଣ ବନ୍ଧନ। ଶିଶୁଟିଏ ଜନ୍ମ ହେବାପରେ ମା'ର ପ୍ରଥମ ହଳଦିଆ କ୍ଷୀର ଶିଶୁର ସୁରକ୍ଷା କବଚ। ଜଣେ ମା' ଯେତେବେଳେ ନିଜ ସନ୍ତାନକୁ ଛାତିରେ ଲଗାଇ ସ୍ତନ୍ୟପାନ କରାଏ, ତା'ର ହୃଦ୍‌ସ୍ପନ୍ଦନ ଶୁଣି ଶିଶୁଟି ସୁରକ୍ଷିତ ଅନୁଭବ କରିଥାଏ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଯେଉଁ ଭାବଗତ ଆଦାନପ୍ରଦାନ ହୁଏ, ତାହା ପୃଥିବୀରେ ଅନ୍ୟ କେ ?ଣସି ସମ୍ପର୍କରେ ମିଳେନାହିଁ। ମା' କ୍ଷୀର ଶିଶୁର କେବଳ ଶରୀର ଗଠନ କରେନାହିଁ, ବରଂ ମା'ର ମମତା ଓ ଆଶୀର୍ବାଦକୁ ଶିଶୁର ପ୍ରତିଟି କୋଷରେ ସଞ୍ଚରିତ କରାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରଦତ୍ତ ତଥ୍ୟ ଅନୁସାରେ, ମା' କ୍ଷୀର ଖାଇ ବଡ଼ ହୋଇଥିବା ଶିଶୁର ବୁଦ୍ଧିମତ୍ତା ଅନ୍ୟ ଶିଶୁଠାରୁ ଅଧିକ। ଜନ୍ମ ହେବାର ପ୍ରଥମ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଶିଶୁ ପାଇଁ ନିହାତି ଜରୁରି। ହେଲେ, ପରିତାପର ବିଷୟ ବିଭିନ୍ନ କାରଣ ହେତୁ ଓଡ଼ିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଏବେ ସ୍ତନ୍ୟପାନ ହାର ଧୀରେ ଧୀରେ ଖସିବାରେ ଲାଗିଛି। ବହୁ ଶିଶୁ ମା' କ୍ଷୀର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଅଭାବକୁ ପୂରଣ କରିବା ଲାଗି ସରକାରୀ ଓ ବେସରକାରୀ ଉଦ୍ୟମରେ ଖୋଲାଯାଇଛି ମା' କ୍ଷୀର ବ୍ୟାଙ୍କ୍। ଏଠାରେ ସଂଗୃହୀତ କ୍ଷୀର ସେଇ ଶିଶୁମାନଙ୍କ ଲାଗି ଉଦ୍ଦିଷ୍ଟ ଯେଉଁମାନେ ବଞ୍ଚିବା ଲାଗି ମା'କ୍ଷୀର ଆବଶ୍ୟକ କରୁଥିଲେ ହେଁ ପାଇପାରନ୍ତି ନାହିଁ।

ମା' କ୍ଷୀର ବ୍ୟାଙ୍କ୍ କାହିଁକି ଜରୁରୀ ?

ଆମେ ସମସ୍ତେ ବ୍ଲଡ୍ ବ୍ୟାଙ୍କ୍ ବା ରକ୍ତଭଣ୍ଡାର ବିଷୟରେ ଭଲ ଭାବେ ଅବଗତ। ଏଠାରେ ଯେଭଳି ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇ ସଂରକ୍ଷିତ ହୋଇ ରଖାଯାଇଥାଏ ଏବଂ ଆବଶ୍ୟକ କରୁଥିବା ରୋଗୀଙ୍କୁ ଦିଆଯାଏ, ଠିକ୍ ସେଇ ଢାଞ୍ଚାରେ ମା' କ୍ଷୀର ବ୍ୟାଙ୍କ୍ ବି କାମ କରେ। କିନ୍ତୁ ରକ୍ତ ସଂପର୍କରେ ସଚେତନତା ବ୍ୟାପକ ହୋଇଥିବା ବେଳେ ମା'କ୍ଷୀର ସଂଗ୍ରହ ଓ ସଂରକ୍ଷଣ ବାବଦରେ ସାଧାରଣ ଲୋକ ଭଲ ଭାବେ ଅବଗତ ନୁହନ୍ତି। ଡାକ୍ତରଙ୍କ କହିବା ଅନୁସାରେ, ଯେଉଁ ମା'ମାନଙ୍କର ପର୍ଯ୍ୟାପ୍ତ କ୍ଷୀର ହୁଏନାହିଁ କିମ୍ବା ଶିଶୁ ଜନ୍ମପରେ ଶାରୀରିକ ଅସୁସ୍ଥତା ହେତୁ ମା' କ୍ଷୀର ପାଇପାରେ ନାହିଁ, ଅଥବା ପିଲା ଜନ୍ମ ଦେବା ପରେ ମା'ର ମୃତ୍ୟୁ ହୋଇଥାଏ, ସେଭଳି କ୍ଷେତ୍ରରେ ମା' କ୍ଷୀର ବ୍ୟାଙ୍କ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ନବଜାତ ଶିଶୁ ପାଇଁ ମା'କ୍ଷୀର ନିହାତି ଜରୁରୀ, କାରଣ ଶିଶୁର ବଞ୍ଚିବା ଓ ବଢ଼ିବା ଏହା ଉପରେ ନିର୍ଭରଶୀଳ। କେତେକ କର୍ମଜୀବୀ ମହିଳା କାର୍ଯ୍ୟବ୍ୟସ୍ତତା ପାଇଁ ଶିଶୁକୁ ସମୟାନୁସାରେ ସ୍ତନ୍ୟପାନ କରାଇପାରି ନଥାନ୍ତି। ସେମାନେ କ୍ଷୀରକୁ ଫ୍ରିଜରରେ ସଂରକ୍ଷିତ କରି ପିଆଇ ଥାଆନ୍ତି। ଏହାକୁ ଏକ୍ସପ୍ରେସ୍ ବ୍ରେଷ୍ଟମିଲ୍କ କୁହାଯାଏ। ଏଥିପାଇଁ ମା' କ୍ଷୀରକୁ ବାହାର କରି ସଫା ଷ୍ଟିଲ୍ ପାତ୍ରରେ ଭର୍ତ୍ତି କରି ସିଲ୍ କରି ରଖାଯାଏ। ଏହାକୁ ଘରର ତାପମାତ୍ରା ଅନୁଯାୟୀ ୪ରୁ ୬ ଘଣ୍ଟା ଭିତରେ ପିଲାକୁ ଖାଇବାକୁ ଦିଆଯାଇପାରିବ। ଏଭଳି ବ୍ୟବସ୍ଥା ଯେଉଁଠି ସମ୍ଭବ ହୁଏନାହିଁ, ସେଠାରେ ପିଲାକୁ ମିଲ୍କ ବ୍ୟାଙ୍କ୍‌ର ସହାୟତାରେ ମା' କ୍ଷୀର ଦେବା ନିହାତି ଦରକାର ବୋଲି କହନ୍ତି ପିଜିଆଇଏମ୍ଇଆର ଓ କ୍ୟାପିଟାଲ୍ ହସ୍ପିଟାଲ୍‌ର ପୂର୍ବତନ ସହକାରୀ ପ୍ରଫେସର ତଥା ଶିଶୁରୋଗ ବିଶେଷଜ୍ଞ ।

## କ୍ଷୀର ବ୍ୟାଙ୍କ୍‌ର ଜନ୍ମ କାହାଣୀ

ମିଲ୍କ ବ୍ୟାଙ୍କ୍ ଦୀର୍ଘ ଦଶନ୍ଧି ଧରି ସ୍ୱାସ୍ଥ୍ୟସେବାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବାରେ ଲାଗିଛି। ବିଭିନ୍ନ କାରଣରୁ ମା' କ୍ଷୀର ପାଇପାରୁ ନଥିବା ଶିଶୁ ପାଇଁ ଏହି ବ୍ୟାଙ୍କ୍‌ରେ ମା' କ୍ଷୀର ସଂଗ୍ରହ, ପ୍ରକ୍ରିୟାକରଣ ଓ ସଂରକ୍ଷଣ କରାଯାଇଥାଏ। ମାତୃଦୁଗ୍ଧ ବ୍ୟାଙ୍କ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସମୟ ପୂର୍ବରୁ ଜନ୍ମିତ ଓ ଅସୁସ୍ଥ ଶିଶୁଙ୍କୁ ମା' କ୍ଷୀରରେ ଥିବା ଆବଶ୍ୟକ ପୁଷ୍ଟିକର ଉପାଦାନ ଯୋଗାଇଦେବା। ଏହାବ୍ୟତୀତ ଶିଶୁ କିଭଳି ଆଣ୍ଟିବଡି ଗ୍ରହଣ କରିପାରିବ ତାହାକୁ ସୁନିଶ୍ଚିତ କରିବା। ତଥ୍ୟ କହେ, ୧୯୦୯ ମସିହାରେ ଅଷ୍ଟ୍ରିଆରେ ଡାକ୍ତର ଫ୍ରାଞ୍ଜ୍ ଫ୍ରେହେର ଭନ୍ ରୋଷ୍ଟହର୍ଣ୍ଣଙ୍କ ଦ୍ୱାରା ବିଶ୍ୱର ପ୍ରଥମ ମିଲ୍କ ବ୍ୟାଙ୍କ୍ ପ୍ରତିଷ୍ଠିତ ହୋଇଥିଲା।

ଯେଉଁ ଶିଶୁମାନେ ସେମାନଙ୍କ ମାଆଙ୍କଠାରୁ ସ୍ତନ୍ୟପାନ କରିବାରୁ ବଞ୍ଚିତ ହେଉଥିଲେ ସେମାନଙ୍କୁ ନିରାପଦ ଓ ପ୍ରକ୍ରିୟାକୃତ କ୍ଷୀର ଯୋଗାଇବା ପାଇଁ ଏହା ସୃଷ୍ଟି କରାଯାଇଥିଲା। ଏହାର ସଫଳତା ପରେ ଅନେକ ଦେଶ ନିଜସ୍ୱ ମାତୃଦୁଗ୍ଧ ବ୍ୟାଙ୍କ୍ ପ୍ରତିଷ୍ଠା ଆରମ୍ଭ କଲେ। ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୧୯ ମସିହାରେ ମା'କ୍ଷୀର ବ୍ୟାଙ୍କ୍ ଖୋଲିଥିଲା। ଏହା ପରେ ଫ୍ରାନ୍ସ, କାନାଡା ଓ ଅନ୍ୟାନ୍ୟ ବହୁ ଦେଶ ଏହାକୁ ଆପଣାଇଥିଲେ। ଅଧ୍ୟୟନରୁ ଜଣାପଡ଼ିଛି, ମା' କ୍ଷୀର ପ୍ରି-ଟର୍ମ ବା ସମୟ ପୂର୍ବରୁ ଜନ୍ମିତ ଶିଶୁଙ୍କ ବୃଦ୍ଧି ଓ ବିକାଶ ପାଇଁ ଅତ୍ୟାବଶ୍ୟକ। ଏହା ରୋଗ ସଂକ୍ରମଣକୁ ମଧ୍ୟ ହ୍ରାସ କରିପାରେ। ଆଜିର ସମୟରେ ମିଲ୍କ ବ୍ୟାଙ୍କ୍‌ରେ ଉପଲବ୍ଧ କ୍ଷୀରର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ମାତୃଦୁଗ୍ଧ ବ୍ୟାଙ୍କ୍‌ଗୁଡ଼ିକ ଦାତାଙ୍କ ଯାଞ୍ଚ ଓ କ୍ଷୀର ପ୍ରକ୍ରିୟାକରଣ ପାଇଁ କଡ଼ା ନିର୍ଦ୍ଦେଶାବଳୀ ଅନୁସରଣ କରୁଛନ୍ତି। ଭାରତର ପ୍ରଥମ ମାନବ ଦୁଗ୍ଧ ବ୍ୟାଙ୍କ୍ ପ୍ରକୃତରେ ୧୯୮୯ ମସିହାରେ ମୁମ୍ବାଇର ସିଅନ୍ ହସ୍ପିଟାଲ୍‌ରେ ପ୍ରତିଷ୍ଠିତ ହୋଇଥିଲା। ଇଣ୍ଡିଆନ୍ ଏକାଡେମି ଅଫ୍ ପେଡିଆଟ୍ରିକ୍ସ (ଆଇଏପି) ପକ୍ଷରୁ ଦେଶରେ ମାନବ ଦୁଗ୍ଧ ବ୍ୟାଙ୍କ୍‌ଗୁଡ଼ିକର ପରିଚାଳନା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ମାନକୀକରଣ ଓ ଗୁଣବତ୍ତା ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ଆଇଏପି ଏକ ଜାତୀୟ ଦୁଗ୍ଧ ବ୍ୟାଙ୍କ୍ ପଞ୍ଜିକା ମଧ୍ୟ ପ୍ରକାଶ କରିଛି। କିଛିବର୍ଷ ପୂର୍ବରୁ ଦେଶରେ ମାତ୍ର ୩୪ଟି ଦୁଗ୍ଧ ବ୍ୟାଙ୍କ୍ ଥିବାବେଳେ ବର୍ତ୍ତମାନ ଏହାର ସଂଖ୍ୟା ବୃଦ୍ଧି ପାଇ ୨୦୦ରୁ ଅଧିକ ହୋଇଛି। ମାତୃଦୁଗ୍ଧ ବ୍ୟାଙ୍କ୍‌କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ- ସିଏଲ୍ଏମ୍‌ସି ଓ ଏଲ୍ଏମ୍‌ୟୁ। ସିଏଲ୍ଏମ୍‌ସିରେ ଯେକୌଣସି ମହିଳା ନିଜର କ୍ଷୀର ଦାନ କରିପାରିବେ। ଏହି କ୍ଷୀରକୁ ପାଷ୍ଚରାଇଜ୍ କରାଯିବା ପରେ ଶୀଘ୍ର ଥଣ୍ଡା କରାଯାଇଥାଏ। ଏହି କ୍ଷୀରକୁ ମାଇନସ୍ -୨୦ ଡିଗ୍ରି ତାପମାତ୍ରାର ଡିପ୍ ଫ୍ରିଜ୍‌ରରେ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ସଂରକ୍ଷଣ କରାଯାଇପାରିବ। ଏଲ୍ଏମ୍‌ୟୁ(ସ୍ତନ୍ୟପାନ ପରିଚାଳନା ୟୁନିଟ୍)ରେ କେବଳ ଜଣେ ମାଆଙ୍କର ନିଜସ୍ୱ କ୍ଷୀର ସଂଗ୍ରହ କରାଯାଇ ସିଧାସଳଖ ତାଙ୍କରି ନିଜ ଶିଶୁକୁ ଦିଆଯାଇଥାଏ। ତେବେ ସବୁ ସମୟରେ ମାତୃସ୍ତନ୍ୟ ଦୁଗ୍ଧ ଯେ ସୁରକ୍ଷିତ ହୋଇଥାଏ ସେଭଳି ନୁହେଁ। କ୍ଷୀରଦାନ କରୁଥିବା ମହିଳାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ତାହା ଶିଶୁ ଶରୀରକୁ ଚାଲିଯାଇଥାଏ। ତେଣୁ ମା'ଠାରୁ କ୍ଷୀର ସଂଗ୍ରହ ପୂର୍ବରୁ ଯାଞ୍ଚ କରାଯାଏ। ଦାତାଙ୍କର ଡାକ୍ତରୀ ଇତିହାସ ଅନୁଶୀଳନ ସହ ରକ୍ତ ପରୀକ୍ଷା ବି ହୋଇଥାଏ। କ୍ଷୀର ସଂଗ୍ରହ ପରେ କ୍ଷତିକାରକ ବ୍ୟାକ୍ଟେରିଆ ନଷ୍ଟ କରିବା ପାଇଁ ଏହାକୁ ପ୍ରକ୍ରିୟାକରଣ ଓ ପାଶ୍ଚୁରାଇଜ୍ କରାଯାଇଥାଏ। ଏହାପରେ ଏହି ମା' କ୍ଷୀରକୁ ଶିଶୁ ପାଇଁ ଆବଶ୍ୟକ ନ ହେବା ପର୍ଯ୍ୟନ୍ତ ଏକ ଫ୍ରିଜ୍‌ରେ ସଂରକ୍ଷଣ କରାଯାଇଥାଏ।

## ଓଡ଼ିଶାର ମିଲ୍କ ବ୍ୟାଙ୍କ୍

ଓଡ଼ିଶାରେ ଅଳ୍ପସଂଖ୍ୟକ ହେଲେ ବି ମାତୃଦୁଗ୍ଧ ବ୍ୟାଙ୍କ୍ ରହିଛି। ୨୦୨୨ ମସିହାରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ? ହସ୍‌ପିଟାଲ୍‌ରେ ପ୍ରଥମେ ମିଲ୍କ ବ୍ୟାଙ୍କ୍ ଖୋଲାଯାଇଥିଲା। ଏବେ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ୨୦୦ଟି ସିଏଲ୍ଏମ୍‌ସି କାର୍ଯ୍ୟ କରୁଛି ଏବଂ ବର୍ତ୍ତମାନ ଏହାର କ୍ଷମତା ୧୫୬ ଲିଟର। ପୂର୍ବ ଅପେକ୍ଷା ମା' କ୍ଷୀରର ଷ୍ଟୋରେଜ୍ ବଢ଼ିଛି ଓ ଶିଶୁମାନେ ଏହାର ସୁବିଧା ମଧ୍ୟ ପାଉଛନ୍ତି।

କଟକ ବଡ଼ ଡାକ୍ତରଖାନାରେ ଖୋଲିଥିବା ମିଲ୍କ୍ ବ୍ୟାଙ୍କ୍‌ରେ ୨୦୨୪ ଓ ୨୦୨୫ ବର୍ଷରେ ୧୨୧୪ ଲିଟର କ୍ଷୀର ସଂଗ୍ରହ ହୋଇଛି। ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଚିକିତ୍ସିତ ହେଉଥିବା ମା'ମାନେ ସ୍ୱଇଚ୍ଛାରେ ଦୁଗ୍ଧ ଦାନ କରୁଛନ୍ତି। ବଡ଼ ଡାକ୍ତରଖାନାରେ ରକ୍ତଦାନ ଶୈଳୀରେ କ୍ଷୀରଦାନ ଚାଲୁଛି। ସୂଚନା ଅନୁସାରେ ଏଯାବତ୍ ମୋଟ ୧୫ ହଜାର ୯୨୦ ଜଣ ମା' ନିଜର ବଳକା କ୍ଷୀର ଦୁଗ୍ଧ ବ୍ୟାଙ୍କ୍‌କୁ ଦାନ କରିଛନ୍ତି। ଯେଉଁ ପ୍ରସୂତିଙ୍କ ସ୍ତନ୍ୟପାନରେ ସମସ୍ୟା ହେଉଛି ସେମାନଙ୍କ ଶିଶୁଙ୍କୁ ଏହି କେନ୍ଦ୍ରରୁ କ୍ଷୀର ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୭ ହଜାର ୬୯୨ ଶିଶୁ ମାଗଣାରେ କ୍ଷୀର ପାଇଛନ୍ତି।

# ପରମ୍ପରାର ପ୍ରତିଛବି: ମାଟିଘର ମାହାତ୍ମ୍ୟ

ଆଧୁନିକତାର ଦୌଡ଼ରେ ଗଳିକନ୍ଦିରେ ମାଳ ମାଳ ଆକାଶଛୁଆଁ ଅଟ୍ଟାଳିକା, ମହଙ୍ଗା ବଙ୍ଗଳା ଓ ଅତ୍ୟାଧୁନିକ ସୁବିଧାସମ୍ପନ୍ନ ବିଳାସମୟ ଘର। ଏହା ହିଁ ପାଲଟିଛି ଆଭିଜାତ୍ୟର ପରିଚୟ। ତଥାପି ଏହି ଚାକଚକ୍ୟ ଭରା ଜୀବନଶୈଳୀ ମଧ୍ୟରେ କିଛି ପରିବେଶପ୍ରେମୀ ଶିଳ୍ପପତି, କଳାକାର ଓ ରାଜନେତା ମାଟି ସହ ସମ୍ପର୍କକୁ ଅତୁଟ ରଖିଛନ୍ତି। କୋଟି କୋଟି ଟଙ୍କାର ଅଧିକାରୀ ହୋଇ ମଧ୍ୟ ମାଟିଘରେ ରହିବାକୁ ପସନ୍ଦ କରୁଛନ୍ତି। ମାଟିଘର ପ୍ରତି ସେମାନଙ୍କର ମମତା କେବଳ ସଉକ ନୁହେଁ, ବରଂ ପରିବେଶ ସୁରକ୍ଷା, ପ୍ରାଚୀନ ସଂସ୍କୃତି ଓ ପାରମ୍ପରିକ ଚଳଣି ପ୍ରତି ପ୍ରତିବଦ୍ଧତା। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛନ୍ତି ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରରେ ୨୬ ଦିନ ଧରି ଅନଶନରେ ବସିଥିବା ସୋନମ୍ ୱାଙ୍ଗ୍‌ଚୁକ୍। ପରିବେଶବିତ୍ ଓ ପ୍ରଖ୍ୟାତ ଇଞ୍ଜିନିୟର ସୋନମ୍ ମାଟିଘରେ ରହିବାକୁ ପସନ୍ଦ କରନ୍ତି। ସେ ନିଜେ ଡିଜାଇନ୍ କରିଥିବା ଲଦାଖସ୍ଥିତ ତାଙ୍କ ଘର କଂକ୍ରିଟ୍ ନୁହେଁ, ମାଟିରେ ତିଆରି। ପାରମ୍ପରିକ ଲଦାଖୀ ସ୍ଥାପତ୍ୟ ଶୈଳୀ ଓ ଆଧୁନିକ ପ୍ରଯୁକ୍ତିର ସମନ୍ୱୟରେ ନିର୍ମିତ ଏହି ଘରେ କଂକ୍ରିଟ୍‌ର ବ୍ୟବହାର କରାଯାଇନାହିଁ। ସ୍ଥାନୀୟ ମାଟିରେ ତିଆରି ହୋଇଥିବା ଏହି ଘରେ ଶତାବ୍ଦୀ ପୁରୁଣା ନିର୍ମାଣ କୌଶଳ ସହ ଆଧୁନିକ ସୁବିଧା ଓ ପରିବେଶ ଅନୁକୂଳ ବ୍ୟବସ୍ଥାର ସୁନ୍ଦର ମେଳ ଦେଖିବାକୁ ମିଳେ। ୱାଙ୍ଗ୍‌ଚୁକ୍ ତାଙ୍କ ଘରର ନାମ ରଖିଛନ୍ତି 'ଟ୍ରାଇବାଲ୍ ହାଉସ୍'। ସେ ପ୍ରମାଣ କରି ଦେଖାଇଛନ୍ତି ଯେ ଆଧୁନିକ ଜୀବନଶୈଳୀ ସହ ପାରମ୍ପରିକ ମାଟିଘରର ସମନ୍ୱୟ ସମ୍ଭବ ଏବଂ ତାହା ପରିବେଶ ପାଇଁ ମଧ୍ୟ ଲାଭଦାୟକ।





**ମାଟିଘର ପ୍ରତି ସେମାନଙ୍କର ମମତା କେବଳ ସଉକ ନୁହେଁ, ବରଂ ପରିବେଶ ସୁରକ୍ଷା, ପ୍ରାଚୀନ ସଂସ୍କୃତି ଓ ପାରମ୍ପରିକ ଚଳଣି ପ୍ରତି ପ୍ରତିବଦ୍ଧତା। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛନ୍ତି ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରରେ ୨୬ ଦିନ ଧରି ଅନଶନରେ ବସିଥିବା ସୋନମ୍ ୱାଙ୍ଗ୍‌ଚୁକ୍। ପରିବେଶବିତ୍ ଓ ପ୍ରଖ୍ୟାତ ଇଞ୍ଜିନିୟର ସୋନମ୍ ମାଟିଘରେ ରହିବାକୁ ପସନ୍ଦ କରନ୍ତି। ସେ ନିଜେ ଡିଜାଇନ୍ କରିଥିବା ଲଦାଖସ୍ଥିତ ତାଙ୍କ ଘର କଂକ୍ରିଟ୍ ନୁହେଁ, ମାଟିରେ ତିଆରି।**

ନିରାଡ଼ମ୍ବର ଜୀବନଶେ ?ଳୀ ଲାଗି ଜଣାଶୁଣା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଦିଲ୍ଲୀର ମାଟିଘର ମଧ୍ୟ ଉଲ୍ଲେଖ ଦାବି କରେ। ୨୦୨୩ରେ ସେ ଦିଲ୍ଲୀର ହୁମାୟୁନ୍ ରୋଡ୍‌ସ୍ଥିତ ନିଜ ସରକାରୀ ବାସଭବନ ପରିସରରେ ଅତିଥିମାନଙ୍କ ପାଇଁ ଏକ ପରିବେଶ ଅନୁକୂଳ ଆକର୍ଷଣୀୟ ମାଟିଘର ନିର୍ମାଣ କରିଛନ୍ତି। ଅତ୍ୟନ୍ତ ରୁଚିପୂର୍ଣ୍ଣ ଶୈଳୀରେ ନିର୍ମିତ ଏହି ଘରର କାନ୍ଥ ମାଟିରେ ତିଆରି ହୋଇଥିବା ବେଳେ ଛାତରେ ବାଉଁଶ ବ୍ୟବହାର କରାଯାଇଛି। କାନ୍ଥରେ ଗୋବର ଓ ନିମ୍ବପତ୍ରରେ ପ୍ରସ୍ତୁତ ଲେପ ଦିଆଯାଇଛି। ପୁଣି ମାଟିରେ ଖଟ ଓ ପଥରର ଆସନ ମଧ୍ୟ ରହିଛି। ତାଙ୍କର ଏହି ମାଟିଘରକୁ ଢେର ପ୍ରଶଂସା ମିଳିଛି। କେବଳ ସେ ନୁହନ୍ତି, ଦିଲ୍ଲୀରେ ଅନେକ ପ୍ରତିଷ୍ଠିତ ଲୋକ ଏଭଳି ମାଟିଘର ନିର୍ମାଣ କରିଛନ୍ତି।

କର୍ଣ୍ଣାଟକ ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ତଥା କନ୍ନଡ଼ ଅଭିନେତ୍ରୀ ଶ୍ରୁତି ମଧ୍ୟ ମାଟିଘର ପ୍ରତି ଅନୁରାଗ ପାଇଁ ଚର୍ଚ୍ଚାରେ ଅଛନ୍ତି। ଗ୍ରାମୀଣ ଜୀବନ ପ୍ରତି ଆଗ୍ରହ ରଖୁଥିବା ଶ୍ରୁତି କର୍ଣ୍ଣାଟକର ରାମନଗରସ୍ଥିତ ଫାର୍ମହାଉସ୍‌ରେ ମାଟିଘରଟିଏ ନିର୍ମାଣ କରିଛନ୍ତି। ଆଧୁନିକୀକରଣର ପ୍ରଭାବରେ ଧୀରେ ଧୀରେ ଗାଁରୁ ଅଦୃଶ୍ୟ ହେଉଥିବା ପାରମ୍ପରିକ ମାଟିଘରକୁ ସାଇତିବା ପାଇଁ ସେ ଏହି ପଦକ୍ଷେପ ନେଇଥିଲେ। ମାଟିଘର ନିର୍ମାଣ ପାଇଁ ଦକ୍ଷ କାରିଗର ମିଳିବା ତାଙ୍କ ପାଇଁ ଏକ ଆହ୍ୱାନ ପାଲଟିଥିଲା। ଶେଷରେ ସେ ଗାଁର ବୟସ୍କ ଲୋକଙ୍କ ପରାମର୍ଶ ନେଇ ସ୍ଥାନୀୟ ଅଞ୍ଚଳରୁ ପଥର ଆଣି ତାହାକୁ ମାଟିରେ ଯୋଡ଼ି ଘର ତିଆରି କରିଥିଲେ। ସେ କହନ୍ତି, ଏହି ଘର ମଜଭୁତ, ଦୀର୍ଘସ୍ଥାୟୀ ଏବଂ ପରିବେଶ ଅନୁକୂଳ। ଏହାର ନିର୍ମାଣରେ ଶୂନ୍ୟ ଅଙ୍ଗାରକ ନିର୍ଗମନ ହୋଇଥାଏ। ସେହିପରି ପ୍ରସିଦ୍ଧ ସ୍ଥପତି ଚିତ୍ରା ବିଶ୍ୱନାଥ ମଧ୍ୟ ପରିବେଶ ଅନୁକୂଳ ଘର ନିର୍ମାଣ କରିଛନ୍ତି। ଯଦିଓ ତାଙ୍କ ଘରକୁ ପୂରାପୂରି ମାଟିଘର ବୋଲି କହିହେବ ନାହିଁ; ମାତ୍ର ଏଥିରେ କଞ୍ଚାଇଟା ବ୍ୟବହାର ହୋଇଛି, ବର୍ଷାଜଳ ସଂରକ୍ଷଣ ଓ ସୌରଶକ୍ତିର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ତାଙ୍କ ମତରେ, ଘର କେବଳ ସୁନ୍ଦର ହେଲେ ହେବନି, ବରଂ ଏହାର ନିର୍ମାଣ ପରିବେଶ ଉପରେ କମ୍ ପ୍ରତିକୂଳ ପ୍ରଭାବ ପକାଉଥିବ ଏବଂ ଏଥିରେ ସ୍ଥାନୀୟ ସମ୍ବଳର ଉପଯୋଗ ବି ଜରୁରି।

## ମାଟିଘର ଭଲ କାହିଁକି ?

ମାଟିଘରର ଅନେକ ସକାରାତ୍ମକ ଦିଗ ରହିଛି। ସେଥିମଧ୍ୟରୁ ସବୁଠାରୁ ବଡ଼ ସୁବିଧା ହେଉଛି, ଏହାର ସ୍ୱାଭାବିକ ତାପମାତ୍ରା ନିୟନ୍ତ୍ରଣ କ୍ଷମତା। ବାହାରର ଅଧିକ ଗରମ କିମ୍ବା ଥଣ୍ଡା ସହଜରେ ଘର ଭିତରକୁ ପ୍ରବେଶ କରିପାରେନାହିଁ। ଫଳରେ ଖରାଦିନେ ମାଟିଘର ଭିତର ପକ୍କା ଘର ତୁଳନାରେ ଅଧିକ ଥଣ୍ଡା ଏବଂ ଶୀତଦିନରେ ତୁଳନାତ୍ମକ ଭାବେ ଉଷ୍ମ ରହେ। ମାଟିଘରର ନିର୍ମାଣ ଖର୍ଚ୍ଚ କମ୍। ମାଟି, ବାଉଁଶ, କାଠ, ଖପର ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ତିଆରି ହେଉଥିବାରୁ ଏହା ପରିବେଶ ଅନୁକୂଳ ଓ ଜୈବ-ବିଘଟନଯୋଗ୍ୟ। ଏହାର ନିର୍ମାଣ ପ୍ରକ୍ରିୟାରେ ଅଙ୍ଗାରକ ନିର୍ଗମନ ମଧ୍ୟ ବହୁତ କମ୍। ବର୍ଷାଋତୁରେ ପକ୍କାଘରର କାନ୍ଥରେ ଯେପରି ଆର୍ଦ୍ରତା ଜମି ଓଦା ଭାବ ସୃଷ୍ଟି କରେ, ମାଟିଘରେ ସେପରି ସମସ୍ୟା କମ୍ ଦେଖାଯାଏ। ମାଟିର କାନ୍ଥ ପ୍ରାକୃତିକ ଭାବେ ଅତିରିକ୍ତ ଆର୍ଦ୍ରତାକୁ ଶୋଷିନେଇ ପୁଣି ଆବଶ୍ୟକ ସମୟରେ ଛାଡ଼ିଦିଏ। ଏହା ଘର ଭିତରର ପରିବେଶକୁ ସନ୍ତୁଳିତ ରଖିବା ସହ ବିଶୁଦ୍ଧ ବାୟୁ ଯୋଗାଇଥାଏ। ଏବେ ପୁଣି ମାଟିଘର ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ବେଙ୍ଗାଲୁରୁ ଭଳି ବଡ଼ ସହରରେ ମଧ୍ୟ ଅନେକ ପାରମ୍ପରିକ ଶୈଳୀର ମାଟିଘର କିମ୍ବା ପରିବେଶ ଉପଯୋଗୀ ଘର ନିର୍ମାଣ କରିବାକୁ ପସନ୍ଦ କରୁଛନ୍ତି। ଅନେକ ପୋଡ଼ା ଇଟା ପରିବର୍ତ୍ତେ ସୂର୍ଯ୍ୟକିରଣରେ ଶୁଖାଯାଇଥିବା କଞ୍ଚାଇଟା ବ୍ୟବହାର କରୁଛନ୍ତି। ଯେହେତୁ ଭାଟିରେ ଇଟା ପୋଡ଼ାଯାଏ ନାହିଁ, ତେଣୁ ଅଙ୍ଗାରକ ନିର୍ଗମନ ହୋଇ ନଥାଏ।

# ୨୭୧ କୋଟିର ସବୁଠୁ ମହଙ୍ଗା ପେଣ୍ଟହାଉସ୍

ଉଦ୍ୟୋଗପତି ମାନବ ସର୍ଦନା ଗୁରୁଗ୍ରାମର ଡିଏଲ୍ଏଫ୍ ଦି ଡାଲିଆସ୍‌ରେ ଏକ ପେଣ୍ଟହାଉସ୍ କିଣିଛନ୍ତି ଯାହାର ଦାମ୍ ହେଉଛି ୨୭୧ କୋଟି ଟଙ୍କା। ଏହା ହେଉଛି ଦେଶର ସବୁଠୁ ମହଙ୍ଗା ପେଣ୍ଟହାଉସ୍। ଏହାର ପ୍ରତି ବର୍ଗଫୁଟ ପାଇଁ ସେ ୨.୬ଲକ୍ଷ ଟଙ୍କା ଦେଇଛନ୍ତି। ୧୦,୫୦୦ ବର୍ଗଫୁଟ କାର୍ପେଟ୍ ଅଞ୍ଚଳର ଏହି ପେଣ୍ଟହାଉସ୍ ହେଉଛି ଆଜି ପର୍ଯ୍ୟନ୍ତ ଦେଶରେ କାରବାର ହୋଇଥିବା ଗୋଟିଏ ନିର୍ଦ୍ଦିଷ୍ଟ ଘର ଅନୁସାରେ ସବୁଠୁ ମହଙ୍ଗା। ନିକଟରେ ୟୁଏସ୍‌ଭିର ଅଧ୍ୟକ୍ଷା ଲିନା ଗାନ୍ଧୀ ତିୱାରୀ ମୁମ୍ବାଇର ୱର୍ଲିରେ ସମୁଦ୍ର ଆଡ଼କୁ ମୁହଁ କରିଥିବା ଏକ ଡୁପ୍ଲେକ୍ସକୁ ୬୩୯ କୋଟି ଟଙ୍କାରେ କିଣିଥିଲେ। ସେହିପରି ଶିଳ୍ପପତି ଜେପି ଟାପାରିଆ ମୁମ୍ବାଇର ମାଲାବାର ହିଲ୍‌ରେ ୩୬୯କୋଟି ଟଙ୍କାରେ ୨୭, ୧୬୦ବର୍ଗ ଫୁଟର ଏକ ଟ୍ରିପ୍ଲେକ୍ସ କିଣିଥିଲେ। ଏହି କାରବାରଗୁଡ଼ିକ ଡିଏଲ୍ଏଫ୍ ପେଣ୍ଟହାଉସ୍‌ଠାରୁ ମହଙ୍ଗା। କିନ୍ତୁ ସେଗୁଡ଼ିକ ଥିଲା ବହୁତଳ ବିଶିଷ୍ଟ ପ୍ରାସାଦ। ଏହି ପେଣ୍ଟହାଉସ୍‌ଟି ହେଉଛି ଗୋଟିଏ ଘର। ୨୦୨୪ରେ ଡିଏଲ୍ଏଫ୍ କାମେଲିଆରେ ଶିଳ୍ପପତି ଋଷି ପତ୍ରି ୧୯୦କୋଟି ଟଙ୍କାରେ ଏକ ପେଣ୍ଟହାଉସ୍ କିଣିଥିଲେ। ସେତେବେଳେ ସେ ବର୍ଗଫୁଟ ପିଛା ୧.୮ ଲକ୍ଷ ଟଙ୍କା ଦେଇଥିଲେ।



# ପାକିସ୍ତାନରୁ ଭାରତ ଆସୁଛନ୍ତି କଳା ଶାଗୁଣା

ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ତିକ୍ତ ହେଲେ ମଧ୍ୟ ଏହି ଦୁଇ ପଡ଼ୋଶୀ ଦେଶର ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାକାରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ କାରଣରୁ ଏକ ମାଈ ସିନେରେଉସ୍ ପ୍ରଜାତି ଶାଗୁଣାର ଜୀବନ ରକ୍ଷା ହୋଇଛି। ମଧ୍ୟପ୍ରଦେଶର ସଜାପୁର ଜିଲ୍ଲାର ପାରାସୁଲିଆ ଗ୍ରାମରେ ଆହତ ହୋଇଥିବା ଏକ ବିଶାଳ ଶାଗୁଣାକୁ ସ୍ଥାନୀୟ ଲୋକେ ଦେଖିଲା ପରେ ସେଠାକାର ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଜଙ୍ଗଲ ବିଭାଗର ପଦାଧିକାରୀଙ୍କ ସମେତ ମଧ୍ୟପ୍ରଦେଶସ୍ଥିତ ବନ ବିହାର ଶାଗୁଣା ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ରର ବିଶେଷଜ୍ଞମାନେ ଉପସ୍ଥିତ ହୋଇ ସେହି ଆହତ ଶାଗୁଣାକୁ ଉଦ୍ଧାର କରିଥିଲେ। ବିଶେଷଜ୍ଞମାନେ ଶାଗୁଣା ଗୋଡ଼ ଆଘାତପ୍ରାପ୍ତ ହୋଇଥିବା ଏବଂ ରେଡିଓ କୋଲାର ଲାଗିଥିବାର ଦେଖିଥିଲେ। ଶାଗୁଣା ଗୋଡ଼ରେ ଲାଗିଥିବା ରେଡିଓ କୋଲାର ପାକିସ୍ତାନସ୍ଥିତ ଚଙ୍ଗା ମଙ୍ଗା ଶାଗୁଣା ସଂରକ୍ଷଣ କେନ୍ଦ୍ରର ବୋଲି ଜଣାପଡ଼ିଥିଲା। ଏହାପରେ ଯଥାଶୀଘ୍ର ପାକିସ୍ତାନର ଚଙ୍ଗା ମଙ୍ଗା କେନ୍ଦ୍ରକୁ ଜଣାଇ ଦିଆଯାଇଥିଲା। ରେଡିଓ କୋଲାର ସୂତ୍ରରୁ ମିଳିଥିବା ସୂଚନାରୁ ଜଣାପଡ଼ିଲା ଯେ ଏହି ଶାଗୁଣାଟି ପାକିସ୍ତାନ ସୀମା ପାର ହୋଇ ଭାରତୀୟ ସୀମାରେ ପ୍ରବେଶ କରିବା ପରେ ପ୍ରବଳ ଝଡ଼ ତୋଫାନ ସହିତ କୁଆପଥର ବୃଷ୍ଟି କାରଣରୁ ଆହତ ହୋଇଥିଲା। ଏସିଆ, ୟୁରୋପ ଏବଂ ଆଫ୍ରିକାରେ ଦେଖିବାକୁ ମିଳୁଥିବା ବିଭିନ୍ନ ବୃହତ୍ ଶାଗୁଣା ମଧ୍ୟରୁ ସିନେରେଉସ୍ ପ୍ରଜାତି ଶାଗୁଣା ଅନ୍ୟତମ।

ଏହି ଶାଗୁଣାଟିକୁ ସମ୍ପୂର୍ଣ୍ଣ ସୁସ୍ଥ କରାଯିବା ପରେ ଏହାକୁ ମୁକ୍ତ କରାଯାଇଥିଲା। ଟ୍ରାକିଙ୍ଗ୍‌ରୁ ଜଣାପଡ଼ିଲା ଶାଗୁଣାଟି ରାଜସ୍ଥାନ



ଅତିକ୍ରମ କରି ଭାରତୀୟ ଅନ୍ତର୍ଜାତୀୟ ସୀମା ପାର ହୋଇ ପାକିସ୍ତାନରେ ପହଞ୍ଚିଥିଲା। କିନ୍ତୁ ପାକିସ୍ତାନରେ ପହଞ୍ଚିବା ପରେ ଶାଗୁଣାଟି ଅଚାନକ ଟ୍ରାକିଙ୍ଗ୍‌ରୁ ଅଦୃଶ୍ୟ ହୋଇଗଲା। ପରଦିନ ପାକିସ୍ତାନର ଖାନୱାଲ୍ ଜିଲ୍ଲାର ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ସ୍ଥାନୀୟ ଜଙ୍ଗଲ ଓ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ଶାଗୁଣାକୁ ଚିହ୍ନଟ କରାଗଲା। ଭାରତ, ପାକିସ୍ତାନ, ନେପାଳ ଏବଂ ମଧ୍ୟ ଏସିଆରେ ଶାଗୁଣାମାନଙ୍କର ଗତିବିଧି ଉପରେ ନଜର ରଖିବା ସହିତ ବିଭିନ୍ନ ପ୍ରଜାତିର ଶାଗୁଣାଙ୍କ ବଂଶ ବୃଦ୍ଧି ଓ ସଂରକ୍ଷଣ ପାଇଁ 'ବିଶ୍ୱବ୍ୟାପୀ ବନ୍ୟପ୍ରାଣୀ ପାଣ୍ଠି' (ଡବ୍ଲ୍ୟୁ.ଡବ୍ଲ୍ୟୁ.ଏଫ୍) ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି। ଏଥିପାଇଁ ଶାଗୁଣାଙ୍କର ପ୍ରଜନନ ଓ ସଂରକ୍ଷଣ ସହିତ ବିଭିନ୍ନ ଶାଗୁଣାଙ୍କ ଦେହରେ ଟେଲିମେଟ୍ରି ଟେକ୍ନୋଲୋଜି ମାଧ୍ୟମରେ ରେଡିଓ କୋଲାର ସଂଯୋଗ କରାଯାଇ ସେମାନଙ୍କ ଆକାଶ ମାର୍ଗ ପରିକ୍ରମା, ଶୀତକାଳୀନ ବାସସ୍ଥାନ ଏବଂ ସେମାନଙ୍କ ଉପରେ ଆସୁଥିବା ବିପଦକୁ ଚିହ୍ନିବା ତଥା ସେମାନଙ୍କର ସମସ୍ତ ଗତିବିଧିକୁ ଟ୍ରାକିଙ୍ଗ୍ କରିବାକୁ 'ଡବ୍ଲ୍ୟୁ.ଡବ୍ଲ୍ୟୁ.ଏଫ୍' ଓ ମୁମ୍ବାଇସ୍ଥିତ 'ବମ୍ବେ ନାଚୁରାଲ ହିଷ୍ଟ୍ରି ସୋସାଇଟି' ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।



# ମା'ଠାରୁ ଦୂରେ ରହି ସ୍ୱପ୍ନକୁ ଛୁଇଁଲେ ଅଙ୍କିତା

# 'ସୁନା ଝିଅ'ରୁ ଘରେ ଘରେ ପରିଚିତ ହେଲେ ନିଆରା କଳାକାର



*ଅଙ୍କିତାଙ୍କ ଜୀବନରେ ମା'ଙ୍କର ସ୍ଥାନ ସବୁଠାରୁ ଉପରେ। ମା'ଙ୍କୁ ଛାଡ଼ି ତିଳେ ମାତ୍ର ରହିପାରୁନଥିବା ଝିଅଟି ଆଜି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ମା'ଙ୍କଠାରୁ ଦୂରରେ ରହୁଛନ୍ତି। ଏହି ଦୂରତା ତାଙ୍କ ପାଇଁ କେବଳ ଘରଠାରୁ ଦୂରତା ନୁହେଁ, ଏହା ଥିଲା ସ୍ୱପ୍ନ ପାଇଁ ଏକ ବଡ଼ ତ୍ୟାଗ। ମନ ଭିତରେ ମା'ଙ୍କ ପାଇଁ ଅସୀମ ଭଲପାଇବା ଥିଲେ ମଧ୍ୟ ନିଜ ଲକ୍ଷ୍ୟକୁ ହାସଲ କରିବା ପାଇଁ ସେ ଦୃଢ଼ ହୋଇ ଆଗକୁ ବଢ଼ିଛନ୍ତି।*

ଛୋଟବେଳୁ ମନରେ ଥିଲା ଗୋଟିଏ ସ୍ୱପ୍ନ—ଜଣେ ଭଲ କଳାକାର ହେବା। ସେହି ସ୍ୱପ୍ନକୁ ନିଜର ନିଶାରେ ପରିଣତ କରି ଆଜି ଅଭିନୟ ଜଗତରେ ନିଜ ପାଇଁ ଏକ ନିଆରା ପରିଚୟ ତିଆରି କରିପାରିଛନ୍ତି ଅଙ୍କିତା ମିଶ୍ର। ମଞ୍ଚ ହେଉ କି ପରଦା, କଳା ପ୍ରତି ତାଙ୍କର ଭଲପାଇବା ଛୋଟବେଳୁ ହିଁ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଥିଲା। ଆଜି ସେହି ସ୍ୱପ୍ନ ଧୀରେଧୀରେ ବାସ୍ତବତାର ରୂପ ନେଇଛି।

ଅଙ୍କିତାଙ୍କ ଜୀବନରେ ମା'ଙ୍କର ସ୍ଥାନ ସବୁଠାରୁ ଉପରେ। ମା'ଙ୍କୁ ଛାଡ଼ି ତିଳେ ମାତ୍ର ରହିପାରୁନଥିବା ଝିଅଟି ଆଜି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ମା'ଙ୍କଠାରୁ ଦୂରରେ ରହୁଛନ୍ତି। ଏହି ଦୂରତା ତାଙ୍କ ପାଇଁ କେବଳ ଘରଠାରୁ ଦୂରତା ନୁହେଁ, ଏହା ଥିଲା ସ୍ୱପ୍ନ ପାଇଁ ଏକ ବଡ଼ ତ୍ୟାଗ। ମନ ଭିତରେ ମା'ଙ୍କ ପାଇଁ ଅସୀମ ଭଲପାଇବା ଥିଲେ ମଧ୍ୟ ନିଜ ଲକ୍ଷ୍ୟକୁ ହାସଲ କରିବା ପାଇଁ ସେ ଦୃଢ଼ ହୋଇ ଆଗକୁ ବଢ଼ିଛନ୍ତି।

ତେବେ ଏହି ଯାତ୍ରାରେ ଅଙ୍କିତା କେବେ ବି ଏକା ନଥିଲେ। ତାଙ୍କ ପଛରେ ଦୃଢ଼ ଭାବେ ଠିଆ ହୋଇଥିଲେ ତାଙ୍କ ଭଉଣୀ। ଜୀବନର ବିଭିନ୍ନ ପରିସ୍ଥିତି, ସମସ୍ୟା ଓ ଚ୍ୟାଲେଞ୍ଜକୁ ସାମ୍ନା କରି ଭଉଣୀ ଅଙ୍କିତାଙ୍କୁ ଆଗକୁ ବଢ଼ିବାରେ ସାହସ ଦେଇଛନ୍ତି। ଯେତେବେଳେ ରାସ୍ତା କଷ୍ଟକର ହୋଇଛି, ସେତେବେଳେ ଭଉଣୀଙ୍କ ସମର୍ଥନ ତାଙ୍କ ପାଇଁ ଶକ୍ତି ହୋଇଛି। ଅଙ୍କିତାଙ୍କ ସଫଳତା ପଛରେ ତାଙ୍କ ଭଉଣୀଙ୍କ ତ୍ୟାଗ ଓ ସହଯୋଗ ମଧ୍ୟ ଏକ ବଡ଼ ଅଧ୍ୟାୟ।

ଅଭିନୟ ଜଗତରେ ଅଙ୍କିତାଙ୍କ ପରିଚୟ ଆହୁରି ମଜବୁତ ହୋଇଛି ଓଡ଼ିଆ ଧାରାବାହିକ 'ସୁନା ଝିଅ' ମାଧ୍ୟମରେ। ଏହି ଧାରାବାହିକରେ ତାଙ୍କ ଅଭିନୟ ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରିଛି। ଚରିତ୍ରକୁ ବୁଝି ତାହାକୁ ନିଜ ଅଭିନୟରେ ଜୀବନ୍ତ କରିବାର ପ୍ରୟାସ ଦର୍ଶକଙ୍କ ମନରେ ତାଙ୍କ ପାଇଁ ଏକ ଅଲଗା ସ୍ଥାନ ସୃଷ୍ଟି କରିଛି। ଅଙ୍କିତାଙ୍କ ଅଭିନୟରେ ତାଙ୍କ ପରିଶ୍ରମ, ଆତ୍ମବିଶ୍ୱାସ ଓ କଳା ପ୍ରତି ନିଷ୍ଠାର ଛାପ ସ୍ପଷ୍ଟ ଦେଖିବାକୁ ମିଳେ।

ତାଙ୍କ ଜୀବନର ଆଉ ଏକ ବିଶେଷ ଦିଗ ହେଉଛି—ଅଭିନୟ ସହିତ ସେ ନିଜର ପାଠପଢ଼ାକୁ ମଧ୍ୟ ଜାରି ରଖିଛନ୍ତି। କଳାକାର ହେବାର ସ୍ୱପ୍ନ ତାଙ୍କୁ ଶିକ୍ଷାଠାରୁ ଦୂରେଇ ନେଇନାହିଁ। ବରଂ ଅଭିନୟ ଓ ଶିକ୍ଷା—ଦୁଇଟିକୁ ସମାନ ଭାବେ ନେଇ ଆଗକୁ ବଢ଼ିବାର ଚେଷ୍ଟା କରୁଛନ୍ତି। ଏହା ତାଙ୍କ ଦୃଢ଼ ମନୋବଳ ଓ ଭବିଷ୍ୟତ ପ୍ରତି ତାଙ୍କ ଦୃଷ୍ଟିକୋଣକୁ ପ୍ରମାଣ କରେ।

ଅଙ୍କିତାଙ୍କ କାହାଣୀ କେବଳ ଜଣେ ଅଭିନେତ୍ରୀଙ୍କ ସଫଳତାର କାହାଣୀ ନୁହେଁ। ଏହା ଜଣେ ଝିଅର ସ୍ୱପ୍ନ, ମା'ଙ୍କ ପ୍ରତି ଭଲପାଇବା, ଭଉଣୀଙ୍କ ସମର୍ଥନ ଓ ନିଜ ଲକ୍ଷ୍ୟ ପାଇଁ ତ୍ୟାଗର କାହାଣୀ। ଯେଉଁ ଝିଅ ଦିନେ ମା'ଙ୍କ ପାଖରୁ ଦୂରେଇ ରହିବାକୁ ଭାବିପାରୁନଥିଲେ, ସେହି ଝିଅ ଆଜି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଦୂର ସହରରେ ରହି ପରିଶ୍ରମ କରୁଛନ୍ତି। ଆଜି ତାଙ୍କ ଅଭିନୟ ତାଙ୍କୁ 'ସୁନା ଝିଅ' ଭାବେ ଘରେ ଘରେ ପରିଚିତ କରାଇଥିବା ବେଳେ, ଆଗାମୀ ଦିନରେ ଆହୁରି ବଡ଼ ସଫଳତା ତାଙ୍କୁ ଅପେକ୍ଷା କରିଛି ବୋଲି ଆଶା ରହିଛି। ଅଙ୍କିତାଙ୍କ ଯାତ୍ରା ଏକ ସୁନ୍ଦର ବାର୍ତ୍ତା ଦିଏ—ସ୍ୱପ୍ନ ଯଦି ସତ ହୁଏ ଏବଂ ପରିଶ୍ରମ ଯଦି ନିରନ୍ତର ରହେ, ତେବେ ଦୂରତା କିମ୍ବା ପରିସ୍ଥିତି କୌଣସିଟି ମଧ୍ୟ ସଫଳତାର ରାସ୍ତାରେ ପ୍ରତିବନ୍ଧକ ହୋଇପାରେ ନାହିଁ।



# ଓଡ଼ିଶାର ଝିଅ 'ହନି' କଲେ ଜାତୀୟ ମଞ୍ଚରେ ଓଡ଼ିଶାର ନାଁ ଉଜ୍ଜ୍ୱଳ




ଓଡ଼ିଶାର ମାଟିରୁ ଜାତୀୟ ମଞ୍ଚ ପର୍ଯ୍ୟନ୍ତ ନିଜର ପ୍ରତିଭା ଓ ପରିଶ୍ରମରେ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଢେଙ୍କାନାଳର ଝିଅ "ହନି ଏସ୍ ସିଂ"। ମଡେଲିଂ, ଅଭିନୟ ଓ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ଦେଖାଇଥିବା ହନି ଏବେ ଜାତୀୟ ସ୍ତରର ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଓଡ଼ିଶାର ନାଁକୁ ଆହୁରି ଉଜ୍ଜ୍ୱଳ କରିଛନ୍ତି।

୨ ଅଗଷ୍ଟ ୨୦୨୬ ତାରିଖରେ ପୁଣେର ହାୟାତ୍ରେ ଆୟୋଜିତ 'ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ଇମ୍ପ୍ରେସ୍ ଅଫ୍ ଦ ନେସନ୍'ର ସିଜନ୍-୭ ପ୍ରତିଯୋଗିତାରେ ହନି ଏସ୍ ସିଂ ଗୋଲ୍ଡ କ୍ୟାଟେଗୋରିରେ ଦ୍ୱିତୀୟ ରନରଅପ୍ ହେବା ସହ 'ଗୋଲ୍ଡ କ୍ୟାଟେଗୋରି ମିସ୍ ଗ୍ଲାମର' ଟାଇଟଲ୍ ହାସଲ କରିଛନ୍ତି। ଅଞ୍ଜନା ଓ କାର୍ଲ ମସ୍କରେନହାସଙ୍କ ସହଯୋଗିତାରେ ଆୟୋଜିତ ଏହି ଆୟୋଜନରେ ବଲିଉଡ୍ ଅଭିନେତ୍ରୀ ଅଞ୍ଜନା ସୁଖାନିଙ୍କ ଉପସ୍ଥିତି ମଧ୍ୟ ଆକର୍ଷଣର କେନ୍ଦ୍ର ପାଲଟିଥିଲା।

ହନିଙ୍କ ଏହି ସଫଳତା ଗୋଟିଏ ଦିନର ଫଳ ନୁହେଁ। ଢେଙ୍କାନାଳରୁ ନିଜର ଯାତ୍ରା ଆରମ୍ଭ କରି ସେ ମଡେଲିଂ ସହ ଓଡ଼ିଆ ସିନେ ଜଗତରେ ମଧ୍ୟ ନିଜର ଛାପ ଛାଡ଼ିଛନ୍ତି। 'ମନରହିବ ଏ ପ୍ରେମ କାହାଣୀ' ଓ 'ସନ୍ଦେଇ ପ୍ରିୟତମ' ଭଳି ଓଡ଼ିଆ ସିନେମାରେ ଅଭିନୟ କରିବା ସହ ବିଭିନ୍ନ ଧାରାବାହିକ ଓ ବିଜ୍ଞାପନରେ ମଧ୍ୟ କାମ କରିଛନ୍ତି। ଅଭିନୟ ସହ ମଡେଲିଂରେ ନିଜର ପରିଚୟକୁ ମଜବୁତ କରିବାରେ ସେ ସଫଳ ହୋଇଛନ୍ତି।

କେବଳ ଅଭିନୟ ଓ ମଡେଲିଂ ନୁହେଁ, ହନିଙ୍କ ରୁଚିର ପରିସର ମଧ୍ୟ ବେଶ ବ୍ୟାପକ। ନୃତ୍ୟ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଥିବା ବେଳେ ଘୋଡ଼ା ଚଢ଼ିବାରେ ମଧ୍ୟ ତାଙ୍କର ରୁଚି ରହିଛି। କଳା ଓ ଗ୍ଲାମର ଦୁନିଆରେ ନିଜର ସ୍ଥାନ ତିଆରି କରିବା ସହ ନିଜ ବ୍ୟବସାୟକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛନ୍ତି। ହନି ଏସ୍ ସିଂଙ୍କ କାହାଣୀ ହେଉଛି ଓଡ଼ିଶାର ଜଣେ ଝିଅର ସ୍ୱପ୍ନକୁ ଜାତୀୟ ମଞ୍ଚରେ ସାକାର କରିବାର କାହାଣୀ। ଅଭିନୟ, ମଡେଲିଂ, ନୃତ୍ୟ, ଘୋଡ଼ା ଚାଳନା ଓ ବ୍ୟବସାୟ—ବିଭିନ୍ନ ଦିଗରେ ନିଜର ପରିଚୟ ଗଢ଼ି ଚାଲିଥିବା ହନି ଆଜି ଅନେକ ଯୁବତୀଙ୍କ ପାଇଁ ପ୍ରେରଣା। ତାଙ୍କର ଏହି ଜାତୀୟ ସଫଳତା ଓଡ଼ିଶା ପାଇଁ ମଧ୍ୟ ଗର୍ବର ବିଷୟ।




Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ